بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ଖଣ୍ଡ: ୪

ସମ୍ପାଦକ: କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ: ସୟଦ୍ ଅତାଉଲ୍ ୱାହାବ

ସଂଖ୍ୟା: 2୪

ବାର୍ଷିକ ଦେୟ : ୬୦୦/-

www.badrqadian.in

24 ଜୁଲ୍ ହଜ୍ଜା 1444 ହି.କ, 13 ୱଫା 1402 ହି.ଶ 13 July 2023 ମସିହା


### ଅଲ୍ଲାଃତାଲାଙ୍କ ବାଣୀ

وَ لَا تَجۡعَلۡ مَعَ اللّٰہِ اِلٰـہًا اٰخَرَ فَتُلۡقٰی فِیۡ جَہَنَّمَ مَلُوۡمًا مَّدۡحُوۡرًا

(ବନି ଇସ୍ରାଇଲ୍-40)

ଏବଂ ତୁମ୍ଭେ ଅଲ୍ଲାଃତାଲାଙ୍କ ସହିତ କୌଣସି ଉପାସ୍ୟ ସ୍ଥିର କର ନାହିଁ। ଅନ୍ୟଥା ତୁମ୍ଭେ ନିନ୍ଦିତ ଓ ଭର୍ତ୍ସିତ ହୋଇ ନର୍କ ମଧ୍ୟକୁ ନିକ୍ଷିପ୍ତ ହେବ ।

### ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟାବାନ୍, ଦୀର୍ଘାୟୁ, ନିଜର ସକଳ-ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟମଣ୍ଡିତ ହେବା ନିମନ୍ତେ ତଥା ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର୍ ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ନବୀ ସ.ଅଙ୍କ ବାଣୀ

### ଭକ୍ତମାନଙ୍କର ଅଧିକାର ସମ୍ପାଦନ କରିବାର ମହତ୍ୱ

(229୪) ହ. ଅବୁ ହୁରୈରାହ୍[ର.ଅ] ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍[ସ.ଅ]ଙ୍କ ନିକଟକୁ ଯେତେବେଳେ ଏପରି ବ୍ୟକ୍ତିଙ୍କ ଯନାଜାଃ ଆସୁଥିଲା ଯେକି ଋଣଗ୍ରସ୍ତ ଥିଲେ ସେତେବେଳେ ଆପଣ[ସ.ଅ] କହୁଥିଲେ, ହେ ସାହାବାମାନେ ! କ'ଣ ଉକ୍ତ ମୃତକ ବ୍ୟକ୍ତି ଜଣକ ନିଜର ଋଣ ପରିଶୋଧ ନିମନ୍ତେ କିଛି ଅର୍ଥ ଛାଡ଼ିଛି କି ? ସାହାବାମାନେ ଯଦି ଉତ୍ତର ଦେଉଥିଲେ ଯେ, ହଁ ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ । ତେବେ ଆପଣ[ସ.ଅ] ଉକ୍ତ ମୃତକ ବ୍ୟକ୍ତିର ନମାଜ ଯନାଜାଃ ପଢୁଥିଲେ । ଅନ୍ୟଥା ମୁସଲମାନମାନଙ୍କୁ କହୁଥିଲେ ଯେ, ହେ ମୁସଲମାନମାନେ ! ତୁମେମାନେ ନିଜ ଭାଇର ଯନାଜାଃ ପଢିନିଅ । ଯେତେବେଳେ ଅଲ୍ଲାଃତାଲା ଆପଣ[ସ.ଅ]ଙ୍କୁ ବିଜୟ ପ୍ରଦାନ କଲେ ସେତେବେଳେ ଆପଣ[ସ.ଅ] କହିଲେ: ହେ ମୁସଲମାନମାନେ ! ମୁଁ ମୁସଲମାନମାନଙ୍କର ସେମାନଙ୍କ (ସଂପର୍କୀୟଙ୍କ) ଠାରୁ ମଧ୍ୟ ଅଧିକ ନିକଟବର୍ତ୍ତୀ । ଏଣୁ ବିଶ୍ୱାସକାରୀମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ଏଭଳି ଅବସ୍ଥାରେ ମୃତ୍ୟୁ ବରଣ କରନ୍ତି ଯେ, ସେମାନେ ଋଣଗ୍ରସ୍ତ ଥାଆନ୍ତି ତେବେ ସେପରିପ୍ରେକ୍ଷୀରେ ସେହି ଋଣଗ୍ରସ୍ତ ମୃତକ ବ୍ୟକ୍ତିର ଋଣ ପରିଶୋଧ କରିବା ମୋର କର୍ତ୍ତବ୍ୟ ଅଟେ । ସେହିପରି ଯେଉଁ ବ୍ୟକ୍ତି ଧନ ସମ୍ପତ୍ତି ଛାଡ଼ି ମୃତ୍ୟୁବରଣ କଲା ତେବେ ସେହି(ଧନ ସମ୍ପତ୍ତି) ତା'ର ଉତ୍ତରାଧିକାରୀମାନଙ୍କର ଅଟେ ।

ହଜରତ ସୟେଦ୍ ଜୈନୁଲ୍ ଆବିଦିନ୍ ୱଲିଉଲ୍ଲାଃ ଶାହ୍ ସାହେବ[ର.ଅ] ଉକ୍ତ ହଦିସ୍‌ର ବ୍ୟାଖ୍ୟା କରନ୍ତି ଯେ, ଫୁକ୍‌ହା ଏ ସଂକ୍ରାନ୍ତରେ ଏହି ପ୍ରଶ୍ନ ମଧ୍ୟ ଉତ୍ଥାପିତ କରିଛନ୍ତି ଯେ, ମୃତକ ଋଣଗ୍ରସ୍ତକାରୀ ବ୍ୟକ୍ତିର ନମାଜ ଯନାଜାଃ ପଢିବ ନାହିଁ । କାରଣ ଏହା ଅବୈଧାନିକ ହୋଇପାରେ ଅବା ଦଣ୍ଡନୀୟ ସଦୃଶ ? କାରଣ ଲୋକମାନେ ଭକ୍ତଙ୍କର ଅଧିକାର ସମ୍ପାଦନ କରିବା ପ୍ରତି ଚିନ୍ତିତ ରୁହନ୍ତୁ ଓ ଏହି ଋଣକୁ ସେମାନେ ସାଧାରଣ ବୋଲି ଭାବନ୍ତୁ ନାହିଁ । **(ଉମଦତୁଲ୍ କାରି, ଭାଗ-12, ପୃ-126)** କିନ୍ତୁ ଯଦି ଋଣଗ୍ରସ୍ତକାରୀ ବ୍ୟକ୍ତିର ନମାଜ ଯନାଜାଃ ପଢିବା ଅବୈଧ ବୋଲି ମନେକରି ନିଆଯାଇଥାଆନ୍ତା ତେବେ ସାହାବାମାନଙ୍କୁ ଏହା କୁହା ଯାଇ ନଥାନ୍ତା ଯେ, ସେମାନେ ଋଣଗ୍ରସ୍ତକାରୀର ନମାଜ ଯନାଜାଃ ପଢନ୍ତୁ । ତହିଁରୁ ଏହା ପ୍ରକାଶ୍ୟ ଯେ, ସେହି ପରିସ୍ଥିତିଟି ଅବୈଧାନିକ ନୁହେଁ ବରଂ ଦଣ୍ଡନୀୟ ସ୍ୱରୂପ ଥିଲା

**(ସହିଉଲ୍ ବୁଖାରୀ, ଖଣ୍ଡ-4, କିତାବୁଲ୍ କିଫଲତୁ, ପ୍ରକାଶନ ବର୍ଷ 200୪ ମସିହା, କାଦିଆନ୍)**

## ପ୍ରତିଶୃତ ମସିହ୍ ଅ.ସଙ୍କ ନିତୀବାଣୀ

**ଅବତାର ହେଉଛନ୍ତି ସେହିମାନେ ଯେଉଁମାନଙ୍କର ଈଶ୍ୱରଙ୍କ ଆଡ଼କୁ ଆନତ ହେବାର ସ୍ତର ସେହି ପର୍ଯ୍ୟନ୍ତ ପହଞ୍ଚି ଯାଇଥାଏ ଯେ, ସେମାନେ ପ୍ରଭୁଙ୍କ ସହିତ ବାର୍ତ୍ତାଳାପ ହୁଅନ୍ତି ଓ ପ୍ରଭୁଙ୍କ ଠାରୁ ହିଁ ଐଶୀବାଣୀ ପ୍ରାପ୍ତ କରିଥାନ୍ତି ।**

**ସତ୍ୟବାଦୀ ହେଉଛନ୍ତି ସେହିମାନେ ଯେଉଁମାନେ ସତ୍ୟତାର ସମସ୍ତ ମାର୍ଗକୁ ଭଲ ପାଆନ୍ତି ଓ ସେମାନେ କେବଳ ସତ୍ୟତା ହିଁ ଚାହାନ୍ତି ।**

**ବୀରଗତି ପ୍ରାପ୍ତ କର୍ତ୍ତା ବ୍ୟକ୍ତି ବିଶ୍ୱାସରେ ଏପରି ଦୃଢୀଭୂତ ହୋଇଥାଏ ଯେ, ସେ ପ୍ରଭୁଙ୍କ ମାର୍ଗରେ ଜୀବନ ଦେବାକୁ ମଧ୍ୟ କୁଣ୍ଠାବୋଧ ମନେକରେ ନାହିଁ ।**

**ସାଧୁଜନଙ୍କ ମଧ୍ୟରେ କୌଣସି ପ୍ରକାରର ଆଧ୍ୟାତ୍ମିକ ରୋଗ ବ୍ୟାଧି ନଥାଏ କି ଉପଦ୍ରବର କୌଣସି ତତ୍ତ୍ୱ ମଧ୍ୟ ନଥାଏ ।**

اِہۡدِنَا الصِّرَاطَ الۡمُسۡتَقِیۡمَ **(ଅଲଫାତିହା:6)**ରେ اَنۡعَمۡتَ عَلَیۡہِمۡ ର ମାର୍ଗ ଭିକ୍ଷା କରାଯାଇଛି ଏବଂ ମୁଁ ଅନେକ ଥର ଏକଥା ବର୍ଣ୍ଣନା କରିଛି ଯେ, اَنۡعَمۡتَ عَلَیۡہِمۡ ରେ ଚାରୋଟି ଗୋଷ୍ଠୀର ଚର୍ଚ୍ଚା ରହିଛି । ନବୀ, ସିଦ୍ଦିକ୍ (ସତ୍ୟବାଦୀ), ଶହୀଦ୍(ବୀରଗତି ପ୍ରାପ୍ତକର୍ତ୍ତା) ଓ ସାଲେହ୍ (ପୁଣ୍ୟବାନ ଓ ସଦାଚାରୀ ବ୍ୟକ୍ତି) । ସୁତରାଂ ଯେତେବେଳେ ଜଣେ ବିଶ୍ୱାସକାରୀ ଏହି ଦୁଆ (ପ୍ରାର୍ଥନା) କରେ ସେତେବେଳେ ସେ ଚରିତ୍ର, ଅଭ୍ୟାସ ଓ ଜ୍ଞାନ ଆଦିର ନିବେଦନ କରିଥାଏ । ଏସବୁ ସତ୍ତ୍ୱେ ଯଦି ବ୍ୟକ୍ତି ଉପରୋକ୍ତ ଚାରି ଗୋଷ୍ଠୀଙ୍କର ଚରିତ୍ର ପ୍ରାପ୍ତ ନକରେ ତେବେ ଏହି ଦୁଆ ତା' ପକ୍ଷେ ନିଷ୍ଫଳ ଅର୍ଥାତ ଗ୍ରହଣୀୟ ହୋଇ ନଥାଏ ଏବଂ ସେହି ବ୍ୟକ୍ତି ନିର୍ଜୀବ ଶବ୍ଦ କହୁଥିବା ପଶୁ ପରି ଅଟେ । ଏହି ଚାରୋଟି ସ୍ତର ହେଉଛି ସେହି ଲୋକମାନଙ୍କର ଯେଉଁମାନେ ଅଲ୍ଲାଃତାଲାଙ୍କ ଠାରୁ ବ୍ରହ୍ମଜ୍ଞାନ ଓ ମହାନ ମର୍ଯ୍ୟାଦା ପ୍ରାପ୍ତ କରିଛନ୍ତି । ଅବତାର ହେଉଛନ୍ତି ସେହିମାନେ ଯେଉଁମାନଙ୍କର ଈଶ୍ୱରଙ୍କ ଆଡ଼କୁ ଆନତ ହେବାର ସ୍ତର ସେହି ପର୍ଯ୍ୟନ୍ତ ପହଞ୍ଚି ଯାଇଥାଏ ଯେ, ସେମାନେ ପ୍ରଭୁଙ୍କ ସହିତ ବାର୍ତ୍ତାଳାପ ହୁଅନ୍ତି ଓ ପ୍ରଭୁଙ୍କ ଠାରୁ ଐଶୀବାଣୀ ପ୍ରାପ୍ତ କରିଥାନ୍ତି । ସତ୍ୟବାଦୀ ହେଉଛନ୍ତି ସେହିମାନେ ଯେଉଁମାନେ ସତ୍ୟତାକୁ ଭଲ ପାଆନ୍ତି ଏବଂ ସବୁଠୁ ବଡ଼ ସତ୍ୟତା ହେଉଛି لَاۤ اِلٰہَ اِلَّا اللّٰہُ ର ପୁନଶ୍ଚ ଦ୍ୱିତୀୟ ସତ୍ୟତା ହେଉଛି مُحَمَّدٌ رَّسُوۡلُ اللّٰہِ ସେମାନେ ସତ୍ୟତାର ସମସ୍ତ ମାର୍ଗ ଓ ସମସ୍ତ ପନ୍ଥାକୁ ପସନ୍ଦ କରନ୍ତି ଓ ସେମାନେ କେବଳ ସତ୍ୟତା ହିଁ ଅଭିଳାଷା କରିଥାନ୍ତି । ତୃତୀୟ ଗୋଷ୍ଠୀ ହେଉଛନ୍ତି ସେହିମାନେ ଯେଉଁମାନେ ନିଜକୁ ଶହୀଦ୍ ବୋଲି କୁହନ୍ତି । ସେମାନେ ଅଲ୍ଲାଃତାଲାଙ୍କର ପ୍ରତ୍ୟେକ୍ଷ ଦର୍ଶନ କରିଥାନ୍ତି । ଶହୀଦ୍ ସେହି ବ୍ୟକ୍ତି ନୁହଁ ଯାହାକୁ ହତ୍ୟା କରାଯାଏ, କୌଣସି ଯୁଦ୍ଧ କିମ୍ବା ମହାମାରୀ ରୋଗରେ ପୀଡ଼ିତ

ହୋଇ ମୃତ୍ୟୁବରଣ କରେ । ବରଂ ଶହୀଦ୍ ହେଉଛି ସେହି ବ୍ୟକ୍ତି ଯିଏ ଏପରି ଦୃଢ଼ ବିଶ୍ୱାସୀ ହୋଇଥାଏ ଯେ କି ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ଜୀବନକୁ ଉତ୍ସର୍ଗ କରିବା ପାଇଁ ମଧ୍ୟ କୁଣ୍ଠାବୋଧ କରେ ନାହିଁ । ପୁଣ୍ୟବାନ, ସଦାଚାରୀ ବ୍ୟକ୍ତି ହେଉଛନ୍ତି ସେହିମାନେ ଯେଉଁମାନେ ପ୍ରତ୍ୟେକ ପ୍ରକାରର ଉପଦ୍ରବରୁ ମୁକ୍ତ ଅଟନ୍ତି । ଯେପରିକି ଜଣେ ସୁସ୍ଥ ବ୍ୟକ୍ତିର ସ୍ୱାସ୍ଥ୍ୟାବସ୍ଥା ଯେତେବେଳେ ଭଲ ଥାଏ ସେତେବେଳେ ତା'ର ତୁଣ୍ଡର ସ୍ୱାଦ ମଧ୍ୟ ଉତ୍ତମ ହୋଇଥାଏ । ସଂପୂର୍ଣ୍ଣ ମଧ୍ୟବର୍ତ୍ତୀ ଅବସ୍ଥାରେ ଉକ୍ତ ବ୍ୟକ୍ତି ସୁସ୍ଥ ବ୍ୟକ୍ତି ବୋଲି ପରିଚିତ ହୁଏ । ତା' ମଧ୍ୟରେ କୌଣସି ପ୍ରକାରର ଉପଦ୍ରବ ନଥାଏ । ଠିକ୍ ସେହିପରି ପୁଣ୍ୟବାନ ସଦାଚାରୀ ବ୍ୟକ୍ତିଙ୍କ ମଧ୍ୟରେ କୌଣସି ପ୍ରକାରର ରୋଗ ବ୍ୟାଧି ନଥାଏ ଏବଂ ଉପଦ୍ରବର କୌଣସି ଖିମିର ମଧ୍ୟ ନଥାଏ । ତା'ର ପୂର୍ଣ୍ଣତ୍ୱ ନିଜର ଆତ୍ମା ମଧ୍ୟସ୍ଥ ବିପରୀତ ତଥା ନକାରାତ୍ମକ ସମୟରେ ମଧ୍ୟ ହୋଇଥାଏ ଏବଂ ଶହୀଦ୍, ସିଦ୍ଦିକ୍, ନବୀ ଆଦିର ସେ ପୁଷ୍ଟି କରିଥାଏ । ଶହୀଦ୍ ବିଶ୍ୱାସକୁ ଏହିପରି ପୂର୍ଣ୍ଣ କରିଥାଏ ଯେପରି ସେ ପ୍ରଭୁଙ୍କୁ ସାକ୍ଷାତ୍ ଅବଲୋକନ କରୁଛି । ସିଦ୍ଦିକ (ସତ୍ୟବାଦୀ)ବ୍ୟବହାର୍ଯ୍ୟ ରୂପେ ସତ୍ୟତାକୁ ଭଲ ପାଇଥାଏ ଓ ମିଥ୍ୟାକୁ ଘୃଣା କରିଥାଏ । ମିଥ୍ୟାରୁ ବର୍ତ୍ତିବା ପାଇଁ ଉଦ୍ୟମ କରିଥାଏ । ଅତଃ ନବୀର ପୂର୍ଣ୍ଣତ୍ୱ ଏହିକି ଯେ, ସେ ପ୍ରଭୁଙ୍କ ଚଦର ତଳେ ଚାଲି ଆସିଥାଏ । କେତେକ ଲୋକେ ଏହା କୁହନ୍ତି ଯେ, ଏହି ପୂର୍ଣ୍ଣତ୍ୱ ଅନ୍ୟ କୌଣସି ବ୍ୟକ୍ତିକୁ ପ୍ରାପ୍ତ ହୋଇପାରିବ ନାହିଁ ଏବଂ ମୌଲବୀ କିମ୍ବା ବିଦ୍ୱାନମାନେ କୁହନ୍ତି ଯେ, ପ୍ରକାଶ୍ୟ ରୂପେ ବ୍ୟକ୍ତି କଲମା ପାଠ କରିନେଉ ଓ ନମାଜ, ରୋଜା ଆଦି ଆଦେଶାବଳୀର ପାଳନକାରୀ ହୋଇଯାଉ ଏବଂ ଏହାଠୁ ଅଧିକ ସେହି ଆଦେଶାବଳୀ ବ୍ୟତୀରେକ ଅନ୍ୟ କିଛି ନୁହେଁ ଓ ନା ହିଁ ତହିଁରେ କୌଣସି ବାସ୍ତବତା ରହିଛି । ଏହା ମସ୍ତବଡ଼ ଭୁଲ ଓ ବିଶ୍ୱାସିକ ଦୁର୍ବଳତା ଅଟେ । ସେମାନେ ଅବତାରତ୍ୱର ଅଭିପ୍ରାୟକୁ ସଠିକ୍ ରୂପେ ହୃଦୟଙ୍ଗମ କରି ପାରିଲେ ନାହିଁ । **(ମଲଫୁଜାତ୍, ଭାଗ-1, ପୃ-463, ପ୍ରକାଶନ ବର୍ଷ-2018 ମସିହା, ସ୍ଥାନ- କାଦିଆନ୍)**

## ସଂସାରରେ ଆଜି ପର୍ଯ୍ୟନ୍ତ ଏପରି କୌଣସି ବ୍ୟକ୍ତି ଜନ୍ମଲାଭ କରି ନାହିଁ ଯିଏ ଏହି ଦାବି ଉପସ୍ଥାପିତ କରିଥିବ ଯେ, ତା'କୁ ପିତୁଳା ମାଧ୍ୟମରେ ଈଶ୍ୱର ପ୍ରାପ୍ତ ହୋଇଯାଇଛି ଏବଂ ସେହି ପିତୁଳା ତା'ର ପ୍ରାର୍ଥନା ଶୁଣୁଛି ଓ ସ୍ୱୀକାର କରୁଛି ତଥା ସଂସାରବାସୀ ତା'ର ପ୍ରାର୍ଥନା ଗ୍ରହଣୀୟ ହେଉଥିବାର ନିଦର୍ଶନ ଅବଲୋକନ କରୁଥିବେ ।

ହ. ମୁସଲେହ୍ ମଉଦ୍ ର.ଅ ସୁରାହ୍ ବନି ଇସ୍ରାଇଲ୍‌ରେ ଆୟତ୍ ସଂଖ୍ୟା 43 قُلْ لَّوْ كَانَ مَعَهٗۤ اٰلِهَةٌ كَمَا يَقُوْلُوْنَ اِذًا لَّابْتَغَوْا اِلٰى ذِى الْعَرْشِ سَبِيْلًا ର ବ୍ୟାଖ୍ୟା ଉପସ୍ଥାପିତ କରି କହିଲେ: ଶିର୍କର (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା) ପ୍ରସଙ୍ଗକୁ ପୁନଶ୍ଚ ବର୍ଣ୍ଣନା କରିଛନ୍ତି । କିନ୍ତୁ ତହିଁରେ ଏକ ନୂତନ ପ୍ରାମାଣ୍ୟ ଉପସ୍ଥାପିତ କରାଯାଇଛି । ତୁଚ୍ଛାଟାରେ ପ୍ରଥମ କଥା ପୁନରାବୃତ୍ତି କରି ଦିଆଯାଇ ନାହିଁ । ଅର୍ଥାତ ହେ ମୁହମ୍ମଦ ସ.ଅ ! ତୁମ୍ଭେ କହିଦିଅ ଯେ, ଯଦି ଅଲ୍ଲାଃତାଲାଙ୍କ ସହିତ ସମକକ୍ଷ କୌଣସି ଉପାସ୍ୟ ଥାଆନ୍ତେ ତେବେ ସେମାନେ (ଅବଜ୍ଞାକାରୀ ମୁଶ୍ରିକ୍‌ମାନେ) ଏହି ତଥାକଥିତ ଉପାସ୍ୟମାନଙ୍କ ସହାୟତାରେ ଅଲ୍ଲାଃତାଲାଙ୍କ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ କୌଣସି ପଥ ଅବଶ୍ୟ ଅନ୍ୱେଷଣ କରିପାରନ୍ତେ । اِذًا لَّابْتَغَوْا اِلٰى ذِى الْعَرْشِ سَبِيْلًا ଅର୍ଥ ଏହା ହିଁ ଯେ, ଯଦି ଶିର୍କ କରିବା ଭକ୍ତମାନଙ୍କ ପକ୍ଷେ ଉଚିତ ଥାଆନ୍ତା ତେବେ ମୁଶ୍ରିକ୍‌ମାନେ ନିଜର ତଥାକଥିତ ଉପାସ୍ୟ ଦେବତାମାନଙ୍କ ସହାୟତାରେ ସିଂହାସନର ଅଧିକାରୀ ଅଲ୍ଲାଃତାଲାଙ୍କ ସହିତ ସଂପର୍କ ଯୋଡ଼ି ନିଅନ୍ତେ । କାରଣ ଈଶ୍ୱରଙ୍କ ପୁତ୍ର ପୁତ୍ରୀଙ୍କ ସହିତ ସଂପର୍କ ସ୍ଥାପନ କରି ସେମାନଙ୍କ (ମୁଶ୍ରିକ୍‌ମାନଙ୍କ) ନିମନ୍ତେ ପଥ ଉନ୍ମୁକ୍ତ ଓ ସୁଗମ ହୋଇଯିବାର ଥଲା ।

ପବିତ୍ର କୁରଆନ୍ କରୀମ୍‌ରେ ସ୍ୱୟଂ ମୁଶ୍ରିକ୍‌ମାନଙ୍କର ଦାବି ସଂକ୍ରାନ୍ତରେ ବର୍ଣ୍ଣନା କରିଛନ୍ତି ଏବଂ ତାହା ହେଉଛି ପ୍ରଭୁଙ୍କ ସାମୀପ୍ୟତା । ଅର୍ଥାତ ମୁଶ୍ରିକ୍‌ମାନେ ପ୍ରଭୁଙ୍କ ସାମୀପ୍ୟତ ପ୍ରାପ୍ତେ କରିବା ସକାଶେ ସେହି ପିତୁଳା (ଅନେକେଶ୍ୱର)ମାନଙ୍କୁ ପୂଜା କରୁଥିଲେ । ଯେପରିକି ଅଲ୍ଲାଃତାଲା ସୁରାହ୍ ଜୁମର୍‌ରେ କହିଲେ, مَا نَعْبُدُهُمْ اِلَّا لِيُقَرِّبُوْنَاۤ اِلَى اللّٰهِ زُلْفٰى (ଅଜ ଜୁମର୍ :4) ଅର୍ଥାତ ଆମେମାନେ ସେମାନଙ୍କର ଉପାସନା କେବଳ ଏଥିଯୋଗୁଁ କରୁଅଛୁ ଯେ, ସେମାନେ ଆମମାନଙ୍କୁ ଅଲ୍ଲାଃତାଲାଙ୍କର ନିକଟବର୍ତ୍ତୀ କରାଇବେ । ଏଠାରେ ସେମାନଙ୍କର ନିଜସ୍ୱ ଦାବିକୁ ସେମାନଙ୍କର ଶିର୍କର ଖଣ୍ଡନ ସ୍ୱରୂପେ ଉପସ୍ଥାପିତ କରାଯାଇଛି । କାରଣ ସେମାନଙ୍କର ଅଭିପ୍ରାୟ ଏହା ହିଁ ରହିଥିଲା ଯେ, ସେମାନେ ସିଂହାସନର ଅଧିକାରୀ ହୋଇ ଅଲ୍ଲାଃତାଲାଙ୍କ ପର୍ଯ୍ୟନ୍ତ ପହଞ୍ଚିବେ ଓ ସିଂହାସନର ଅଧିକାରୀ ପ୍ରଭୁଙ୍କ ନିକଟବର୍ତ୍ତୀ ତଥା ସାମୀପ୍ୟତ ପ୍ରାପ୍ତକାରୀମାନଙ୍କ ସହିତ ସେମାନେ ସଂପର୍କ ସ୍ଥାପନ କରିନେଇଛନ୍ତି । ତେଣୁ ସେମାନଙ୍କ ପକ୍ଷେ ଏହା ଉଚିତ ଥିଲା ଯେ, ସେମାନେ ପ୍ରଭୁଙ୍କ ସାମୀପ୍ୟତା ଅର୍ଜନକାରୀ ଓ ନିକଟବର୍ତ୍ତୀ ହୋଇ ଯାଇଥାଆନ୍ତେ । କିନ୍ତୁ ଏହାର କୌଣସି ଲକ୍ଷଣ ସେମାନଙ୍କ ଠାରେ ଦେଖିବାକୁ ମିଳୁ ନାହିଁ । ପବିତ୍ର କୁରଆନ କରୀମ୍‌ରୁ ପ୍ରଭୁଙ୍କ ସାମୀପ୍ୟତା ପ୍ରାପ୍ତ କରିବାର ନିମ୍ନ ଲିଖିତ ଲକ୍ଷଣ ଜଣା ପଡ଼ିଥାଏ:

**ପ୍ରଥମତଃ:** ପ୍ରାର୍ଥନା ସ୍ୱୀକୃତ ହେବା । ଅଲ୍ଲାଃତାଲା ସୁରାହ୍ ବକରାର ତୃତୀୟ ରୁକୁରେ କୁହନ୍ତି ଯେ, وَاِذَا سَاَلَكَ عِبَادِىْ عَنِّىْ فَاِنِّىْ قَرِيْبٌ ؕ اُجِيْبُ دَعْوَةَ الدَّاعِ اِذَا دَعَانِ ଅର୍ଥାତ ହେ ରସୁଲ୍ ଯେବେ ଆମ୍ଭ ଭକ୍ତମାନେ ତୁମ୍ଭକୁ ଆମ୍ଭ ସଂକ୍ରାନ୍ତରେ ପ୍ରଶ୍ନ କରିବେ ତେବେ ତୁମ୍ଭେ ସେମାନଙ୍କୁ କୁହ ଯେ, ଆମ୍ଭେ ସେମାନଙ୍କ ନିକଟରେ ଅଛୁ । ଆମ୍ଭର ନିକଟବର୍ତ୍ତୀ ହେବାର ଲକ୍ଷଣ ଏହିକି ଯେ, ଆମ୍ଭେ ପ୍ରାର୍ଥନାକାରୀର ପ୍ରାର୍ଥନାକୁ ସ୍ୱୀକାର କରିଥାଉ ତଥା ଭକ୍ତ ଯେତେବେଳେ ଆମ୍ଭକୁ ବିନୀତ ହୋଇ ଡାକେ ଆମ୍ଭେ ସେତେବେଳେ ତା'କୁ ଉତ୍ତର ଦେଇଥାଉ । ଏହା ଏହିଭଳି ନିଦର୍ଶନ ଯେ, ମୁଶ୍ରିକ୍‌ମାନେ ମଧ୍ୟ ଏହାକୁ ପ୍ରତ୍ୟାଖ୍ୟାନ କରିପାରିବେ ନାହିଁ । କିନ୍ତୁ ଏହିସବୁ ଲକ୍ଷଣ କୌଣସି ମୁଶ୍ରିକ୍ ଠାରେ ଦେଖିବାକୁ ମିଳୁ ନାହିଁ । ମୁଶ୍ରିକ୍‌ମାନଙ୍କ ମଧ୍ୟରୁ କେହି ବି ଏପରି ବ୍ୟକ୍ତି ନାହିଁ ଯିଏ ଏହି ଦାବି କରିପାରିବ ଯେ, ତା'ର ପ୍ରାର୍ଥନାକୁ ଈଶ୍ୱର ସ୍ୱୀକାର କରନ୍ତି । ସଂସାରରେ ଆଜି ପର୍ଯ୍ୟନ୍ତ ଏପରି କୌଣସି ବ୍ୟକ୍ତି ଜନ୍ମଲାଭ କରି ନାହିଁ ଯିଏ ଏହି ଦାବି ଉପସ୍ଥାପିତ କରିଥିବ ଯେ, ତା'କୁ ପିତୁଳା ମାଧ୍ୟମରେ ଈଶ୍ୱର ପ୍ରାପ୍ତ ହୋଇଯାଇଛନ୍ତି ଏବଂ ସେହି ପିତୁଳା ତା'ର ପ୍ରାର୍ଥନା ଶୁଣୁଛି ଓ ସ୍ୱୀକାର କରୁଛି ତଥା ସଂସାରବାସୀ ତା'ର ପ୍ରାର୍ଥନା ଗ୍ରହଣୀୟ ହେଉଥିବାର ନିଦର୍ଶନ ଅବଲୋକନ କରୁଥିବେ ।

**ଦ୍ୱିତୀୟତଃ :** ପ୍ରାର୍ଥନା ସ୍ୱୀକୃତ ହେବା ଓ ପ୍ରଭୁଙ୍କ ସାମୀପ୍ୟତା ପ୍ରାପ୍ତ ହେବାର ଦ୍ୱିତୀୟ ସ୍ତର ସଂକ୍ରାନ୍ତରେ ପବିତ୍ର କୁରଆନ୍‌ରେ ବର୍ଣ୍ଣିତ ହୋଇଛି ଯେ, لَا يَسْمَعُوْنَ فِيْهَا لَغْوًا وَّلَا تَاْثِيْمًا ۙ اِلَّا قِيْلًا سَلٰمًا سَلٰمًا **(ୱାକିୟା:26-27 )** ଅର୍ଥାତ ବିଶ୍ୱାସକାରୀମାନେ ସେଠାରେ କୌଣସି ଅଯଥା ବାକ୍ୟାଳାପ କି ପାପ କଥା ଶୁଣିବେ ନାହିଁ । କେବଳ ଏପରି କଥନ ଶୁଣିବେ ଯାହା ସେମାନଙ୍କ ପକ୍ଷେ ଶାନ୍ତିଦାୟକ ହୋଇଥିବ । କହିବାର ତାତ୍ପର୍ଯ୍ୟ ଏହିକି ଯେ, ସାମୀପ୍ୟତାର ମର୍ଯ୍ୟାଦା ହେଉଛି ଏଭଳି ଏକ ମର୍ଯ୍ୟାଦା ଯହିଁରେ ଅବାନ୍ତର ତଥା ନିରର୍ଥକ କଥା ହୋଇ ନଥାଏ ଏବଂ ଲୋକମାନେ ପରସ୍ପରର ଉପଦ୍ରବରୁ ଶାନ୍ତି ସନ୍ଧାନ କରିଥାନ୍ତି । ଫଳସ୍ୱରୂପ ଅଲ୍ଲାଃତାଲାଙ୍କ ପକ୍ଷରୁ ମଧ୍ୟ ଉକ୍ତ ବ୍ୟକ୍ତିକୁ ଶାନ୍ତି ପ୍ରାପ୍ତ ହୋଇଥାଏ । ଏହି ସ୍ତରଟି ବର୍ତ୍ତମାନ ଏପରି ନୁହେଁ ଯେ, କୌଣସି ମୁଶ୍ରିକ୍ ଏହାକୁ ପ୍ରତ୍ୟାଖ୍ୟାନ କରିପାରିବ । ତେଣୁ ପ୍ରକାଶ୍ୟ ରୂପେ କହିବାକୁ ଗଲେ ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କର ନିକଟବର୍ତ୍ତୀ ହେବ ସେ ଅବାନ୍ତର, ନିରର୍ଥକ ଓ ପାପରୁ ବର୍ତ୍ତି ପାରିବ । ସେ ପ୍ରଭୁଙ୍କର ପରମ ଭକ୍ତ ହୋଇ ତାହାଙ୍କର ସାନ୍ନିଧ ଲାଭ କରି ଅନ୍ୟ ଭକ୍ତଙ୍କର ପୁଣ୍ୟ ସାଧନ କରିବାରେ ଅଭ୍ୟସ୍ତ ରହିବା ଦ୍ୱାରା ସେ କାହାର ଅନିଷ୍ଟ କରିବ ନାହିଁ କି କୌଣସି ଉପଦ୍ରବ ମଧ୍ୟ ସୃଷ୍ଟି କରିବ ନାହିଁ ।

ଉପରୋକ୍ତ ଲକ୍ଷଣ ମଧ୍ୟ ମୁଶ୍ରିକ୍ ମଧ୍ୟରେ ଦେଖିବାକୁ ଆଦୌ ମିଳି ପାରିବ ନାହିଁ ଯଥା- ପ୍ରଥମ କଥା ନିରର୍ଥକ, ବାଯ୍ୟ କଥାରୁ ନିବୃତ୍ତ ରହିବା । ମୁଶ୍ରିକ୍‌ମାନଙ୍କ ମଧ୍ୟରେ ଉକ୍ତ କଥା କେଉଁଠୁ ଦେଖିବାକୁ ମିଳେ ? ମୁଶ୍ରିକ୍ ଶିର୍କ ଯୋଗୁଁ ପରିହାସମୂଳକ କଥା କହିଥାଏ । ଜଣେ ଅପରିଚିତ ଓ କ୍ଷତି ସାଧନ ବିହୀନ ସତ୍ତା ସମ୍ମୁଖରେ ସିଜ୍‌ଦା କରିଥାଏ, ତା'ର (ପିତୁଳାର) ସମ୍ମାନ ପ୍ରଦର୍ଶନ କରିଥାଏ, ଏପର୍ଯ୍ୟନ୍ତକି ଜଣେ ବୁଦ୍ଧିମାନ ବ୍ୟକ୍ତି ତା'ର କ୍ରିୟା ପ୍ରତିକ୍ରିୟାକୁ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥାଏ । ଏହି ଭାରତବର୍ଷରେ ଗୋମାତାକୁ ହିନ୍ଦୁମାନେ ଯେଉଁଭଳି ପୂଜା କରନ୍ତି ଏବଂ ଗାଈକୁ ପବିତ୍ର ଜୀବ ବୋଲି ମାନ୍ୟତା ଦିଅନ୍ତି, ତେବେ କେଉଁ ବୁଦ୍ଧିମାନ ବ୍ୟକ୍ତି ଏହାକୁ ବୈଧ ବୋଲି ବିବେଚିତ କରିପାରିବ ? ଗୋ ଉପାସକମାନେ ତ' ଗାଈ ଦିହରୁ ତା' ବାଛୁରୀର କ୍ଷୀର ଛଡ଼ାଇ ନେଇଥାଆନ୍ତି । ସେହି ଗୋ ମାତାର ଉପାସକମାନେ ନିଜେ ତ' ଶସ୍ୟଜାତ ଦ୍ରବ୍ୟରୁ ଆହାର ସେବନ କରିଥାନ୍ତି କିନ୍ତୁ ଗାଈକୁ ଘାସ ଖାଇବାକୁ ଦେଇଥାଆନ୍ତି, ଗାଈକୁ ଦଉଡ଼ିରେ ବାନ୍ଧିକି ରଖନ୍ତି, **(ଅବଶିଷ୍ଟାଂଶ ପୃଷ୍ଠା ରେ......)**

# (ଖୁତ୍‌ବା ଜୁମା)

"ହ. ଅବୁ ବକର ର.ଅଙ୍କ ଅସ୍ତିତ୍ୱ ଆଶା, ଭୟ, ସତ୍‌ଇଚ୍ଛା ଓ ମାନବତା ପ୍ରତି ପ୍ରେମର ଅସୀମ ସାଗର ଥିଲେ । ଆପଣ ର.ଅଙ୍କ ସ୍ୱଭାବ ସତ୍ୟତା ଓ ପବିତ୍ରତାର ଏକ ପୂର୍ଣ୍ଣ ଦରିଆ ଥିଲା ଓ ଆପଣ ର.ଅ ସର୍ବ ଶକ୍ତିମାନ ପ୍ରଭୁଙ୍କ ଆଡ଼କୁ ସର୍ବଦା ଆନତ ହୋଇ ରହୁଥିଲେ ।"

"ଆପଣ ର.ଅଙ୍କ ଆତ୍ମାରେ ଯେଉଁ କଳା ଓ ପ୍ରତିଭା ରହିଥିଲା ତାହା ହେଉଛି ସତ୍ୟତା ଅବିଚଳତା, ଧର୍ମପରାୟଣତା ଇତ୍ୟାଦି ଗୁଣାବଳୀ ଆପଣ ର.ଅଙ୍କ ମଧ୍ୟରେ ପ୍ରବିଷ୍ଟ ହୋଇ ରହିଥିଲା । ସମଗ୍ର ସଂସାରବାସୀ ବିଧର୍ମୀ ପାଲଟି ଯାଆନ୍ତୁ ପଛେ, କିନ୍ତୁ ଆପଣ ର.ଅ ଏହାକୁ ଆଦୌ ଭୃକ୍ଷେପ କଲେ ନାହିଁ କି ପଛଘୁଞ୍ଚା ଦେଲେ ନାହିଁ । ବରଂ ପ୍ରତ୍ୟେକ ସମୟରେ ନିଜର ପାଦ ଆଗକୁ ଅଗ୍ରସର କରି ଚାଲିଲେ ।"

"ନବୀ ସ.ଅ ସାହାବାମାନଙ୍କ ମଧ୍ୟରେ କୌଣସି ସାହାବିଙ୍କର ନାମ ସିଦ୍ଦିକ୍ (ସତ୍ୟବାଦୀ) ରଖିଲେ ନାହିଁ । କାରଣ ସେମାନେ ଯେପରି ଆପଣ ର.ଅଙ୍କ ମାନ ମର୍ଯ୍ୟାଦା ଓ ଗାରିମାକୁ ପ୍ରକାଶ କରି ନ ପାରନ୍ତୁ ।"

"ଆପଣ ର.ଅଙ୍କ ସମସ୍ତ ପ୍ରସନ୍ନତା ଇସ୍‌ଲାମ୍ ଧର୍ମର କଲ୍‌ମା (ସତ୍ ଐଶୀବାଣୀ) ଓ ଜୀବ ଶ୍ରେଷ୍ଠ ତଥା ପୁରୁଷୋତ୍ତମ ସ.ଅଙ୍କ ଅନୁକରଣତ୍ୱରେ ଓ ଆପଣ ସ.ଅଙ୍କ ଆଜ୍ଞବହ ବନ୍ଧୁ ଥିଲେ ।"

"ଯେପର୍ଯ୍ୟନ୍ତ ଜଣେ ବ୍ୟକ୍ତି ହ. ଅବୁ ବକର, ହ. ଉମର୍, ହ. ଉସମାନ ଓ ହ. ଅଲୀ ର.ଅଙ୍କ ପରି ଚାଲି ଚଳନ ଓ ଆଚାର ବ୍ୟବହାର ନିଜ ମଧ୍ୟରେ ସୃଷ୍ଟି କରି ନାହିଁ ସେପର୍ଯ୍ୟନ୍ତ ସେ ନିଜକୁ ମୁସଲମାନ ବୋଲାଇ ପାରିବ ନାହିଁ । ଉପରୋକ୍ତ ସାହାବାମାନେ ସଂସାରିକତାକୁ ଭଲ ପାଉ ନଥିଲେ । ବରଂ ସେମାନେ ନିଜର ଜୀବନକୁ ପ୍ରଭୁଙ୍କ ମାର୍ଗରେ ଉତ୍ସର୍ଗ କରି ଦେଇଥିଲେ ।"

"ଯେତେବେଳେ ଆପଣ ର.ଅ ଇସ୍‌ଲାମ୍ ଧର୍ମକୁ ଦୁର୍ବଳ, ନିଃସହାୟ, ନିର୍ଧନ ବ୍ୟକ୍ତି ପରି ପାଇଲେ ସେତେବେଳେ ଆପଣ ର.ଅ ଜଣେ ଦକ୍ଷ ତଥା ଅଭିଜ୍ଞ ବ୍ୟକ୍ତି ପରି ତା'ର ଶୋଭା ଓ ସବୁଜିମାକୁ ପୁନଃ ଫେରାଇ ଆଣିବା ପାଇଁ ଛିଡ଼ା ହୋଇ ପଡ଼ିଲେ ଏବଂ ଜଣେ ସର୍ବସ୍ୱ ହରାଇଥିବା ବ୍ୟକ୍ତି ପରି ନିଜର ହଜି ଯାଇଥିବା ବସ୍ତୁର ସନ୍ଧାନରେ ମଜ୍ଜିତ ହୋଇଗଲେ । ଏପର୍ଯ୍ୟନ୍ତକି ଇସ୍‌ଲାମ୍ ଧର୍ମ ନିଜର ଯଥୋଚିତ ଉଚ୍ଚତା, ନିଜର କୋମଳ ଗାଲ, ନିଜର ସବୁଜିମା ସୌନ୍ଦର୍ଯ୍ୟତା, ନିଜର ନିର୍ମଳ ଜଳର ମିଷ୍ଟତା ଆଡ଼କୁ ଫେରି ଆସିଲା ଏବଂ ଏହି ସବୁକିଛି ସେହି ସନ୍ତକ ରକ୍ଷାକାରୀ ଭକ୍ତ ହ. ଅବୁ ବକର ର.ଅଙ୍କ ନିଷ୍ଠା ଯୋଗୁଁ ସମ୍ଭବପର ହୋଇ ପାରିଥିଲା ।"

"ଆପଣ ର.ଅଙ୍କ ଶ୍ରେଷ୍ଠତ୍ୱ ତ୍ୱରିତ ଆଦେଶ ଓ ବଳିଷ୍ଠ ଧର୍ମବିଧାନରୁ ପ୍ରମାଣିତ ଏବଂ ଆପଣ ର.ଅଙ୍କ ବରିଷ୍ଠତା ବଳିଷ୍ଠ ପ୍ରମାଣରୁ ସ୍ପଷ୍ଟ, ଆପଣ ର.ଅଙ୍କ ସତ୍ୟତା ଉଜ୍ଜ୍ୱଳ ଦିବସ ପରି ପ୍ରକାଶବାନ୍ ଥିଲା । ଆପଣ ର.ଅ ଶେଷ ଦିବସର ପୁରସ୍କାରକୁ ପସନ୍ଦ କଲେ ଏବଂ ସଂସାରର ଚାକଚକ୍ୟତା ଓ ତା'ର ପୁରସ୍କାରକୁ ତଥା ସୁଖ ସ୍ୱାଚ୍ଛନ୍ଦ୍ୟକୁ ପ୍ରତ୍ୟାଖ୍ୟାନ କରିଦେଲେ । ଅନ୍ୟମାନଙ୍କ ମଧ୍ୟରୁ କେହି ବି ଆପଣ ର.ଅଙ୍କର ସେହି ଶ୍ରେଷ୍ଠତ୍ୱ ମର୍ଯ୍ୟାଦା ପର୍ଯ୍ୟନ୍ତ ପହଞ୍ଚି ପାରିବର ସମାର୍ଥ୍ୟତା ପ୍ରାପ୍ତ କରି ପାରିବ ନାହିଁ ।"

"ହ. ଅବୁ ବକର ର.ଅ ଇସ୍‌ଲାମ୍ ଧର୍ମର ଦ୍ୱିତୀୟ ଆଦମ ଅଟନ୍ତି ।"

"ଆପଣ ର.ଅ ପୂର୍ଣ୍ଣ ପରିଚୟର ଅଧିକାରୀ ତଥା ପ୍ରଭୁଙ୍କୁ ଭଲ ଭାବରେ ଚିହ୍ନିଥିଲେ, ଅତ୍ୟନ୍ତ ଦୟାଳୁ ସ୍ୱଭାବ, କୃପାବତ୍ସଳ ସ୍ୱଭାବର ଅଧିକାରୀ ଥିଲେ ଏବଂ ଅତ୍ୟନ୍ତ ବିନୀତ ତଥା ଦାରିଦ୍ର୍ୟତାର ପୋଷାକ ପରିଚ୍ଛଦରେ ଜୀବନ ଅତିବାହିତ କରିଥିଲେ । ଆପଣ ର.ଅ ଅତ୍ୟନ୍ତ କ୍ଷମାଶୀଳ ବ୍ୟକ୍ତି ଥିଲେ ଓ ଦୟା ତଥା କୃପାର ସାକ୍ଷାତ ଚଳନ୍ତ୍ ପ୍ରତିମୂର୍ତ୍ତି ଥିଲେ ।"

"ଆପଣ ର.ଅ ନବୀ ତ' ନଥିଲେ କିନ୍ତୁ ଆପଣ ର.ଅଙ୍କ ଠାରେ ଅବତାରମାନଙ୍କ ପରି ଶକ୍ତି ବିଦ୍ୟମାନ ରହିଥିଲା । ଆପଣ ର.ଅଙ୍କ ସେହି ସତ୍ୟତା ଯୋଗୁଁ ଇସ୍‌ଲାମ୍ ରୂପକ ଉଦ୍ୟାନ ନିଜର ପୂର୍ବ ସବୁଜିମାକୁ ଫେରି ପାଇଥିଲା ଏବଂ ତୀରର ଆଘାତ ପରେ ମଧ୍ୟ ଦୀପ୍ତିମନ୍ତ, ଶୋଭାବର୍ଦ୍ଧକ, ପ୍ରଫୁଲ୍ଲିତ ହୋଇଗଲା । ତାହାର ନାନା ପ୍ରକାରର ସୁସନ୍ଦର କୁସୁମ ଫୁଟିଲା ଏବଂ ତାହାର ଶାଖା ପ୍ରଦୂଷଣରୁ ମୁକ୍ତ ହୋଇଗଲା।"

"ବଦ୍‌ରୀ ସାହାବାମାନଙ୍କ ଚର୍ଚ୍ଚାରେ ହ. ଅବୁ ବକର ର.ଅଙ୍କ ଜୀବନୀ ଚର୍ଚ୍ଚା ଶେଷ ଜୀବନୀ ଚର୍ଚ୍ଚା ଥିଲା ବର୍ତ୍ତମାନ ତାହା ସମାପ୍ତ ହେଲା । ଅଲ୍ଲାଃତାଲା ଆମମାନଙ୍କୁ ସେହି ସାହାବାମାନଙ୍କର ପଦାଙ୍କ ଅନୁସରଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ପ୍ରତ୍ୟେକ ତାରକାମାନଙ୍କ ପରି ଏହି ସାହାବାମାନଙ୍କ ପୁଣ୍ୟ ଜୀବନୀ ଆମମାନଙ୍କର ମାର୍ଗ ଦର୍ଶନ କରୁଥାଉ ଏବଂ ସାହାବାମାନେ ଆମମାନଙ୍କ ଆଗରେ ଯେଉଁ ସ୍ତର ସ୍ଥାପିତ କରି ଯାଇଛନ୍ତି ସେହି ସ୍ତରକୁ ସ୍ଥାପନକାରୀ ବ୍ୟକ୍ତିରେ ଅଲ୍ଲାଃତାଲା ଆମମାନଙ୍କୁ ମଧ୍ୟ ସାମର୍ଥ୍ୟ ପ୍ରଦାନ କରନ୍ତୁ ।"

**"ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ପବିତ୍ର ଆଦେଶାବଳୀ ପ୍ରକାଶରେ ସତ୍ୟବାଦୀ ହ. ଅବୁ ବକର ର.ଅଙ୍କ ସର୍ବୋଚ୍ଚ ମର୍ଯ୍ୟାଦାର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।"**

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା**

**9 Dec 2022 ମସିହା ଅନୁଯାୟୀ ୯ ଫତହ୍ ୧୪୦୧ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ۔ بِسْمِ اللهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ବିଗତ ଖୁତ୍‌ବାରେ ସର୍ବଶ୍ରେଷ୍ଠ ସତ୍ୟବାଦୀ ଖଲିଫା ହ. ଅବୁ ବକର[ର.ଅ]ଙ୍କ ଜୀବନୀ ସଂପର୍କିତ ହ. ମସିହ୍ ମଉଦ୍[ଅ.ସ]ଙ୍କର କେତେକ ଆଲେଖ୍ୟ ଆଲୋଚନା କରିଥିଲି। ସେହି କ୍ରମରେ ଆଉ କେତେକ ଅତିରିକ୍ତ ଆଲେଖ୍ୟ ଉପସ୍ଥାପିତ କରି ଦେଉଛି। ହ. ମସିହ୍ ମଉଦ୍[ଅ.ସ] କୁହନ୍ତି, ନିଃସନ୍ଦେହ ରୂପେ ସତ୍ୟବାଦୀ ଖଲିଫା ହ. ଅବୁ ବକର ଓ ହ. ଉମର୍ ଫାରୁକ୍[ର.ଅ] ସେହି ଦଳର ଅମିର ଥିଲେ ଯେକି ଅଲ୍ଲାଃତାଲାଙ୍କ ସକାଶେ ପର୍ବତ ଶୃଙ୍ଗକୁ ମଧ୍ୟ ଜୟ କରି ପାରିଥିଲେ । ସେହିପରି ସେ ସଭ୍ୟ, ଶିକ୍ଷିତ ସମାଜକୁ ଏବଂ ପୁରପଲ୍ଲୀର ଜନତାମାନଙ୍କୁ ମଧ୍ୟ ସତ୍ୟ ନିମନ୍ତେ ଆମନ୍ତ୍ରିତ

କରିଥିଲେ ତଥା ଆହ୍ୱାନ ମଧ୍ୟ ଜଣାଇଥିଲେ । ଏପର୍ଯ୍ୟନ୍ତକି ସେମାନଙ୍କର ଏହି ନିମନ୍ତ୍ରଣ ଦୂରବର୍ତ୍ତୀ ଅଞ୍ଚଳ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇ ଯାଇଥିଲା ଏବଂ ଉଭୟଙ୍କ ଖିଲାଫତ୍ ତଥା ଶାସନ କାଳରେ ଅଗଣିତ ସୁଫଳ ଇସ୍‌ଲାମ୍ ଧର୍ମ ଆସ୍ୱାଦନ କରିବାକୁ ସକ୍ଷମ ହୋଇପାରିଥିଲା । ସେହିପରି ଅନେକ ସଫଳତା ଏବଂ ବିଜୟର ସୁଗନ୍ଧ ଦ୍ୱାରା ସୁଗନ୍ଧିତ ହୋଇ ଇସ୍‌ଲାମ୍ ଧର୍ମ ଉଦ୍‌ବୁଦ୍ଧ ହୋଇଥିଲା । ହ. ଅବୁ ବକର[ର.ଅ]ଙ୍କ ସମଗ୍ର ଜୀବନ କାଳ ବିଭିନ୍ନ ପ୍ରକାରର ଘାତ ପ୍ରତିଘାତ, ଉପଦ୍ରବ, ସଂଘର୍ଷ ଏବଂ ନାନା ପ୍ରକାରର ଶୋକାକୁଳ ପରିବେଶ ଦ୍ୱାରା ପରିପୂର୍ଣ୍ଣ ଥିଲା । ଶତ୍ରୁମାନେ ଖୋଲମ ଖୋଲା ହତ୍ୟା ଭଳି ବିଭୀଷିକା ଏବଂ ବର୍ବରତା ତାହାଙ୍କ ସଂପ୍ରଦାୟ ଓ ଅନୁଗାମୀଙ୍କ ସହିତ ଭିଆଇ ଥିଲେ । ସେହିପରି ତାହାଙ୍କ ସଂପ୍ରଦାୟ ଓ ଅନୁଗାମୀମାନଙ୍କ ଉପରେ ଅକଥନୀୟ ଅନ୍ୟାୟ ଓ ଆକ୍ରମଣ କରି ସେମାନଙ୍କୁ ଲୁଣ୍ଠନ କରିବାର ଦୁର୍ବାର ଉଦ୍ୟମ, ଲାଳସା ତଥା ବିଜୟର ସ୍ଲୋଗାନ ମଧ୍ୟ ଦେଇଥିଲେ । ଅତଏବ ଠିକ୍ ସେହି ସମୟରେ ସତ୍ୟବାଦୀ ମାର୍ଗଦର୍ଶୀ ଖଲିଫା ହ. ଅବୁ ବକର[ର.ଅ]ଙ୍କ ଯୋଗୁଁ ପରମ ବ୍ରହ୍ମ ଅଲ୍ଲାଃ ଇସ୍‌ଲାମ୍ ଧର୍ମର ସାହାଯ୍ୟ ଓ ସହଯୋଗର ହସ୍ତ ପ୍ରଶସ୍ତ କରିଦେଲେ ଏବଂ ଏକ ଗଭୀର କୂପରୁ ନିଜର ବହୁମୂଲ୍ୟ ରତ୍ନକୁ ବାହିଦେଲେ । ସୁତରାଂ ଇସ୍‌ଲାମ୍ ଧର୍ମ ସେହି ଶୋଚନୀୟ ଅବସ୍ଥାରୁ ସହଜ ସରଳ ଅବସ୍ଥା ଆଡ଼କୁ ଫେରି ଆସିଲା । ଅତଏବ ଆମାନଙ୍କ ପକ୍ଷେ ଏହା ଅନିର୍ବାର୍ଯ୍ୟ ଯେ, ଆମେମାନେ ସେହି ସାହାଯ୍ୟକର୍ତ୍ତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ଉଚିତ ଏବଂ ଶତ୍ରୁଙ୍କୁ ଆଦୌ ଭ୍ରୂକ୍ଷେପ କରିବା ନାହିଁ । ଅତଃ ତୁ ସେହି ବ୍ୟକ୍ତି ପ୍ରତି ବିମୁଖତା କର ନାହିଁ ଯେକି ତୋର ପ୍ରିୟ ମୁନିବ[ସ.ଅ]ଙ୍କୁ ସାହାଯ୍ୟ କଲେ ଓ ତୋର ଧର୍ମ ଓ ଦ୍ୱାରର ସୁରକ୍ଷା କଲେ ଏବଂ ଅଲ୍ଲାଃତାଲାଙ୍କ ସକାଶେ ତୋର ହିତ ଆଶା କଲେ, ତୋ ଠାରୁ ପ୍ରତିଶୋଧ ନେଲେ ନାହିଁ । ତେବେ ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ କଥା ଯେ, ହ. ଅବୁ ବକର[ର.ଅ]ଙ୍କ ବରିଷ୍ଠତାକୁ କିପରି ଅସ୍ୱୀକାର କରାଯାଇ ପାରିବ ? ଆପଣ[ଅ.ସ] କୁହନ୍ତି ଯେ, "ବାସ୍ତବତା ଏହିକି ଯେ, ସତ୍ୟବାଦୀ ହ. ଅବ ବକର [ର.ଅ]ଙ୍କ ସୁଗୁଣାବଳୀ ସୂର୍ଯ୍ୟର ରଶ୍ମୀ ପରି ଜାଜୁଲ୍ୟମାନ । ନିଃସନ୍ଦେହ ରୂପେ ପ୍ରତ୍ୟେକ ବିଶ୍ୱାସକାରୀ ଆପଣ[ର.ଅ]ଙ୍କ ଦ୍ୱାରା ରୋପିତ ହୋଇଥିବା ବୃକ୍ଷର ଫଳକୁ ସେବନ କରିଥାଏ ଓ ଆପଣ[ର.ଅ]ଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଶିକ୍ଷାରୁ ଉପକୃତ ହେଉଅଛି । ଆପଣ[ର.ଅ] ଆମମାନଙ୍କ ଧର୍ମ ସକାଶେ ଫୁର୍କାନ (ପବିତ୍ର କୁରଆନ୍) ଓ ଆମର ସଂସାର ନିମନ୍ତେ ଶାନ୍ତି ଓ ସୌହାର୍ଦ୍ଦ୍ୟ ପ୍ରଦାନ କଲେ । ଯିଏ ତାହାଙ୍କୁ (ହ. ଅବୁ ବକର[ର.ଅ]ଙ୍କୁ) ଅସ୍ୱୀକାର କଲା, ସେ ମିଥ୍ୟା କହିଲା ଏବଂ ନିଜକୁ ନଷ୍ଟ କରି ଶୈତାନ ସହିତ ଯାଇ ମିଶିଗଲା । ଆପଣ[ଅ.ସ] କୁହନ୍ତି "ଯେଉଁ ଲୋକମାନଙ୍କ ଉପରେ ହ. ଅବୁ ବକର[ର.ଅ]ଙ୍କ ମାନମର୍ଯ୍ୟାଦା ଓ ତାହାଙ୍କ ଗାରିମା ସନ୍ଦେହଜନକ ହୋଇ ରହିଲା ସେହିଭଳି ଲୋକମାନେ ଜାଣିଶୁଣି ପାପ କରିଛନ୍ତି ।ତାହା ନୁହେଁ ବରଂ ସେମାନେ ମହାପାପୀ ଅଟନ୍ତି । ସେମାନେ ପ୍ରଚୁର ଜଳକୁ କିଞ୍ଚିତ ଜଳ ବୋଲି ମନେକଲେ । ତେଣୁ ଅବିଶ୍ୱାସକାରୀମାନେ କ୍ରୋଧିତ ହୋଇ ଉଠିଲେ ଏବଂ ଏଭଳି ଜଣେ ବ୍ୟକ୍ତିକୁ ପରିହାସ କଲେ ଓ ଯେକି ପ୍ରାଥମିକ ଶ୍ରେଣୀର ସମ୍ମାନିତ ଓ ମହୋଦୟ ବ୍ୟକ୍ତି ରୂପେ ସୁପ୍ରସିଦ୍ଧ ଥିଲେ ।"

ହ. ମସିହ୍ ମଉଦ୍[ଅ.ସ] କହିଲେ, "ହ. ଅବୁ ବକର[ର.ଅ]ଙ୍କ ଅସ୍ତିତ୍ୱ ଆଶା, ଭୟ, ସତ୍‌ଇଚ୍ଛା ଓ ମାନବତା ପ୍ରତି ପ୍ରେମର ଅସୀମ ସାଗର ଥିଲେ । ଆପଣ[ର.ଅ]ଙ୍କ ସ୍ୱଭାବ ସତ୍ୟତା ଓ ପବିତ୍ରତାର ଏକ ପୂର୍ଣ୍ଣ ଦରିଆ ଥିଲା ଓ ସର୍ବ ଶକ୍ତିମାନ ପ୍ରଭୁଙ୍କ ଆଡ଼କୁ ସର୍ବଦା ଆନତ ହୋଇ ଆପଣ[ର.ଅ] ରହୁଥିଲେ । ଆପଣ[ଅ.ସ] କହିଲେ, ସତ୍ୟବାଦୀ ହ. ଅବୁ ବକର[ର.ଅ]ଙ୍କ ଆତ୍ମା ଓ ତାହାର କାମ ବାସନାମୂଳକ ସ୍ୱାଦରୁ ସଂପୂର୍ଣ୍ଣ ରୂପେ ଅନାସକ୍ତ ଥିଲେ ଓ ତହିଁରୁ ଆପଣ[ର.ଅ] ସଂପୂର୍ଣ୍ଣ ଦୂରେଇ ରହିଥିଲେ। ଆପଣ[ର.ଅ]ଙ୍କ ଦ୍ୱାରା କେବଳ ସଂଶୋଧନ ହିଁ ସମ୍ପାଦିତ ହେଲା ଏବଂ ଆପଣ[ର.ଅ]ଙ୍କ ଅସ୍ତିତ୍ୱରୁ ବିଶ୍ୱାସକାରୀଙ୍କ ସର୍ବଦା ଉନ୍ନତି ଏବଂ ବିକାଶ ହିଁ ସାଧିତ ହୋଇଥିଲା । ଆପଣ[ର.ଅ] କଷ୍ଟ ତଥା ପୀଡ଼ା ଦେବାର ଲାଞ୍ଛନ ଠାରୁ ପବିତ୍ର ଥିଲେ । ତେଣୁ ତୁ ଅନ୍ତରୀଣ କଳହ ଆଡ଼କୁ ନଦେଖ । ବରଂ ତାହାକୁ ପୁଣ୍ୟ ବାଞ୍ଛା ଅନୁଯାୟୀ ଚରିତାର୍ଥ କର। କ' ତୁ ବିଚାର କରି ନାହୁଁ ଯେ, ସେହି ବ୍ୟକ୍ତି ଯିଏ ନିଜର ଈଶ୍ୱରଙ୍କ ଆଦେଶାବଳୀ ଓ ତାହାଙ୍କ ପ୍ରସନ୍ନତା ହେତୁ ନିଜର ଧ୍ୟାନ ନିଜର ସୁପୁତ୍ର ଓ କନ୍ୟା ସନ୍ତାନ ଆଡ଼କୁ କଲେ ନାହିଁ । କାରଣ ସେ ସେମାନଙ୍କୁ ଧନାଢ୍ୟ କରୁ କିମ୍ବା ଲେମାନଙ୍କୁ ନିଜର ଅଧିନସ୍ଥ କର୍ମଚାରୀ କରୁ । ସେହି ବ୍ୟକ୍ତି ଯିଏ ସଂସାରରୁ କେବଳ ସେତିକି ଅଂଶ ନେଲେ ଯେତେ ତାହାଙ୍କ ମୌଳିକ ଆବଶ୍ୟକତା ପୂରଣ ନିମନ୍ତେ ପର୍ଯ୍ୟାପ୍ତ ଥିଲା। ଅତଏବ୍ ତାହାଙ୍କ ସଂପର୍କରେ କିପରି ଏହା ବିଚାର କରାଯାଇ ପାରିବ ଯେ, ସେ ଆଁହଜରତ ସ.ଅଙ୍କ ପରିବାର ବର୍ଗଙ୍କ ପ୍ରତି ଅନ୍ୟାୟ କରିଥିଲେ । କଦାପି ନୁହଁ ।"

**(ସିରୁଲ୍ ଖିଲାଫାର ଅନୁବାଦ, ପୃ-79-82)**

ପୁନଶ୍ଚ ଆପଣ[ଅ.ସ] କୁହନ୍ତି: "ଅଲ୍ଲାଃତାଲା ସତ୍ୟବାଦୀ ମାର୍ଗଦର୍ଶୀ ଖଲିଫା ହ. ଅବୁ ବକର[ର.ଅ]ଙ୍କ ଉପରେ କୋଟି କୋଟି ଦୟା ଓ କୃପାବର୍ତ୍ତୀର୍ଣ୍ଣ କରନ୍ତୁ । କାରଣ ଆପଣ[ର.ଅ] ହିଁ ଇସ୍‌ଲାମ୍ ଧର୍ମକୁ ପୁନର୍ଜୀବିତ କଲେ ଏବଂ ଉପଦ୍ରବୀ ବିଧର୍ମୀମାନଙ୍କର ବିନାଶ ତଥା ସଂହାର ମଧ୍ୟ କରିଥିଲେ ଏବଂ ପ୍ରଳୟ ଦିବସ ପର୍ଯ୍ୟନ୍ତ ନିଜ ପୁଣ୍ୟର କଲ୍ୟାଣକୁ ଅବ୍ୟାହତ କରିଦେଇ ଯାଇଛନ୍ତି । ଆପଣ[ର.ଅ] ଅତ୍ୟନ୍ତ କାକୁତି ମିନତିକାରୀ ବ୍ୟକ୍ତି ଏବଂ ଆପଣ[ର.ଅ] ଅଲ୍ଲାଃତାଲାଙ୍କ ନିକଟରେ ଆକୁଳ ନିବେଦନ କରୁଥିଲେ । ତତ୍‌ସହିତ ପ୍ରଭୁଙ୍କ ଆସ୍ଥାନରେ ପଡ଼ି ରହୁଥିଲେ ଏବଂ ଅଲ୍ଲାଃତାଲାଙ୍କ ଆଡ଼କୁ ସର୍ବଦା ମଥାନତ ହୋଇ ପ୍ରାର୍ଥନା କରୁଥିଲେ । ବିନୀତତାପୂର୍ବକ ତାହାଙ୍କ ସମକ୍ଷରେ ପଡ଼ି ରହୁଥିଲେ ଏବଂ ତାହାଙ୍କ ଆସ୍ଥାନକୁ ବଳପୂର୍ବକ ଜାବୁଡ଼ି ଧରି ରଖୁଥିଲେ, ଏହା ତାଙ୍କର ଅଭ୍ୟାସରେ ପରିଣତ ହୋଇ ସାରିଥିଲା । ଆପଣ[ର.ଅ] ସିଜ୍‌ଦା ସମୟରେ ପୂର୍ଣ୍ଣ ମନୋନିବେଶ କରୁଥିଲେ ଏବଂ ପବିତ୍ର କୁରଆନ୍ କରୀମ୍‌ର ତିଲାଓ୍ୱତ୍ ସମୟରେ ଅଶ୍ରୁ ଝରାଉଥିଲେ । ନିଃସନ୍ଦେହ ରୂପେ ସତ୍ୟବାଦୀ ମାର୍ଗଦର୍ଶୀ ଖଲିଫା ହ. ଅବୁ ବକର[ର.ଅ] ଇସ୍‌ଲାମ୍ ଧର୍ମ, ଅବତାରମାନଙ୍କର ଗର୍ବ ଓ ଗୌରବ ଅଟନ୍ତି । ଆପଣ[ର.ଅ]ଙ୍କ ପରାକ୍ରମତା ନବୀ ଶ୍ରେଷ୍ଠ ହ. ମୁହମ୍ମଦ[ସ.ଅ]ଙ୍କ ସହିତ ସଦୃଶ ଥିଲା । ଆପଣ[ର.ଅ] ଅବତାରତ୍ୱର ସୁଗନ୍ଧକୁ ଗ୍ରହଣ କରିବା ନିମନ୍ତେ ସର୍ବଦା ତତ୍ପର ଓ ବ୍ୟଗ୍ର ବ୍ୟକ୍ତିମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ହାଶିର୍ (ଆଁହଜରତ[ସ.ଅ]ଙ୍କର ଏକ ନାମ)[ସ.ଅ]ଙ୍କ ଠାରୁ ପ୍ରଳୟ (ଅର୍ଥାତ ଯୁଗାନ୍ତକାରୀ ବିପ୍ଳବ) ପରି ଯେଉଁ ଆଧାତ୍ମିକ ପ୍ରଳୟ (ଯୁଗାନ୍ତକାରୀ ବିପ୍ଳବ) ପ୍ରକାଶ୍ୟ ହେଲା, ସେହି ବିପ୍ଳବକୁ ଦର୍ଶନକାରୀଙ୍କ ମଧ୍ୟରେ ଆପଣ[ର.ଅ] ସର୍ବାଗ୍ରେ ଥିଲେ । ଆପଣ ସେହି ଲୋକମାନଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି ଯିଏ ମଳି ଲାଗି ଯାଇଥିବା ଚାଦରକୁ ପରିଷ୍କାର କରି ତାହାକୁ ପୁନଃ ପରିଧାନ ଯୋଗ୍ୟ ବସ୍ତ୍ରରେ ରୂପାନ୍ତରିତ କରି ଦେଇଥିଲେ ଏବଂ ଅବତାରମାନଙ୍କର ଅନେକ ସୁଗୁଣାବଳୀ ତାହାଙ୍କ ଠାରେ ପ୍ରତ୍ୟେକ୍ଷ ରୂପେ ପ୍ରତୀୟମାନ ହେଉଥିଲା । ଆମେମାନେ ପବିତ୍ର କୁରଆନ୍ କରୀମ୍‌ରେ ଆପଣ[ର.ଅ]ଙ୍କ ଚର୍ଚ୍ଚା ବ୍ୟତୀତ ଏବଂ ସାହାବିଙ୍କ ଚିନ୍ତା-ଚେତନା ତଥା ପୂର୍ଣ୍ଣ ଭାବନା ଓ ପୂର୍ଣ୍ଣ ବିଶ୍ୱାସ ବ୍ୟତୀତ ଅନ୍ୟଥା କିଛି ଲକ୍ଷ କରୁ ନାହୁଁ । କାରଣ ଏହି ପୁଣ୍ୟାବଳୀଗୁଡ଼ିକର ସତ୍ୟ ବିପକ୍ଷରେ କୌଣସି ସତ୍ତା ନାହିଁ ଓ ନା ହିଁ ତାହା ସତ୍ୟାନ୍ୱେଷୀମାନଙ୍କୁ ସେଚିତ କରିପାରିବ । ଅତଏବ ଯେଉଁ ବ୍ୟକ୍ତି ଆପଣ[ର.ଅ]ଙ୍କ ସହିତ ଶତ୍ରୁତା ପ୍ରଦର୍ଶନ କରେ ତେବେ ସେଭଳି ବ୍ୟକ୍ତି ଏବଂ ସତ୍ୟ ମଧ୍ୟରେ ଏଭଳି ଏକ ରୁଦ୍ଧ (ବନ୍ଦ) ଦ୍ୱାର ବିଦ୍ୟମାନ ରହିଛି, ଯାହିକି ସତ୍ୟବାଦୀମାନଙ୍କର ଅଧିପତି ହ. ଅବୁ ବକର ର.ଅଙ୍କ ଆଡ଼କୁ ପ୍ରତ୍ୟାବର୍ତ୍ତନ କରିବା ବ୍ୟତୀତ ଉନ୍ମୁକ୍ତ ହୋଇ ପାରିବ ନାହିଁ ।" **(ସିରୁଲ୍ ଖିଲାଫାର ଅନୁବାଦ, ପୃ-99-100)**

ହ. ମସିହ୍ ମଉଦ୍[ଅ.ସ] ପୁନଶ୍ଚ କୁହନ୍ତି: "ସତ୍ୟବାଦୀ ଅବୁ ବକର[ର.ଅ]ଙ୍କ ସଂରଚନା ଉଦଗମ କୃପା ଆଡ଼କୁ ଧ୍ୟାନ ରହିବା ଓ ପରମ ଦୟାଳୁ ଅଲ୍ଲାଃତାଲାଙ୍କ ଭକ୍ତ ହ. ମୁହମ୍ମଦ[ସ.ଅ] ଆଡ଼କୁ ମୁହଁ କରିବା ଫଳରେ ହିଁ ସମ୍ଭବପର ହୋଇପାରିଥିଲା। ଆପଣ[ର.ଅ] ଅବତାରତ୍ୱର ଗୁଣାବଳୀର ପ୍ରକାଶ୍ୟକାରୀ ସମସ୍ତ ବ୍ୟକ୍ତିଙ୍କ ଅପେକ୍ଷା ସର୍ବାଧିକ ଯୋଗ୍ୟ ବ୍ୟକ୍ତି ଥିଲେ ଓ ଜୀବ ଶ୍ରେଷ୍ଠ ଆଁହଜରତ[ସ.ଅ]ଙ୍କ ଖଲିଫା ହେବା ନିମନ୍ତେ ପ୍ରଥମ ତଥା ଯୋଗ୍ୟ ବ୍ୟକ୍ତି ଥିଲେ ଏବଂ ନିଜର ଅନୁସରଣୀୟ ଆଁହଜରତ[ସ.ଅ]ଙ୍କ ସହିତ ସଂପୂର୍ଣ୍ଣ ଏକତା ଓ ପୂର୍ଣ୍ଣ ମୈତ୍ରତା ସ୍ଥାପନ କରିବା ନିମନ୍ତେ ଯୋଗ୍ୟ ବ୍ୟକ୍ତି ଥିଲେ । ସେହିପରି ଆପଣ[ର.ଅ] ସମସ୍ତ ଆଚାର, ସୁଗୁଣାବଳୀ, ଅଭ୍ୟାସ ଅବଲମ୍ବନ କରିବା ଓ ସାଂସରିକକ ସଂପର୍କକୁ ତ୍ୟାଗ ଓ ଛିନ୍ନ କରିବାରେ ନିଜର ପ୍ରିୟ ମୁନିବ[ସ.ଅ]ଙ୍କ ପରେ ଏଭଳି ପ୍ରକାଶକାରୀ ବ୍ୟକ୍ତି ଥିଲେ ଯେ, ଖଡ଼୍ଗ, ବର୍ଛା ବଳରେ ମଧ୍ୟ ସେମାନଙ୍କ ମଧ୍ୟରେ ସଂପର୍କ ଛିନ୍ନ ହୋଇପାରିବା ସମ୍ଭବପର ନଥିଲା । ଆପଣ[ର.ଅ] ସେହି ଅବସ୍ଥା ଉପରେ ସର୍ବଦା ଅବିଚଳ ରହିଲେ ଓ ବିପତ୍ତି ତଥା ଭୟଭୟ ପରିସ୍ଥିତି, ଅଭିଶାପ ତଥା ନିନ୍ଦା ଆଦିରୁ ମଧ୍ୟ କେହି ବି ଆପଣ

---

**ଅଲ୍ଲାଃତାଲାଙ୍କ ବାଣୀ**

"ଓମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

---

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହିଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang (Odisha)

ର.ଅଙ୍କୁ ଧୈର୍ଯ୍ୟହରା କରିପାରିଲା ନାହିଁ । ହ. ମସିହ୍ ମଉଦ୍[ଅ.ସ] କୁହନ୍ତି, ହ. ଅବୁ ବକର[ର.ଅ]ଙ୍କ ଆତ୍ମାରେ ସତ୍ୟତା, ପବିତ୍ରତା, ଅବିଚଳତା, ଧର୍ମପରାୟଣତା ଆଦି ମହତ୍ ସୁଗୁଣାବଳୀ ପ୍ରବିଷ୍ଟ ହୋଇ ରହିଥିଲା। ସମଗ୍ର ବିଶ୍ୱ ବିଧର୍ମୀ ପାଲଟି ଯାଆନ୍ତୁ ପଛେ ଆପଣ[ର.ଅ] ସେମାନଙ୍କୁ ଭୃକ୍ଷେପ କରୁ ନଥିଲେ ଓ ନା ହିଁ ଆପଣ[ର.ଅ] ପଛଘୁଞ୍ଚା ଦେଉଥିଲେ । ବରଂ ପ୍ରତ୍ୟେକ ସମୟ ନିଜ ପାଦ ଆଗକୁ ଅଗ୍ରସର କରି ଚାଲିଥିଲେ । ଏହି କାରଣରୁ ଅଲ୍ଲାଃତାଲା ନବୀମାନଙ୍କ ଚର୍ଚ୍ଚା କରିବା ପରେ ସତ୍ୟବାଦୀମାନଙ୍କ ଚର୍ଚ୍ଚାକୁ ଅବ୍ୟାହତ ରଖି ଅଲ୍ଲାଃତାଲା କହିଲେ, "**ଫଉଲାଇକା ମାଆଲ୍ଲଜିନା ଅନ୍‌ଅମଲ୍ଲାଃହୁ ଅଲୈହିମ୍ ମିନନ୍‌ନବିୟିନା ଓସ୍‌ସିଦ୍ଦିକିନା ଓଶ୍‌ଶୁହଦାଇ ଓସ୍‌ସାଲିହିନା** ।" ଉକ୍ତ ଆୟତ୍‌ରେ ସତ୍ୟବାଦୀ ମାର୍ଗଦର୍ଶୀ ଖଲିଫା ଏବଂ ଅନ୍ୟମାନଙ୍କ ଉପରେ ଆପଣ[ର.ଅ]ଙ୍କର ଯେଉଁ ଶ୍ରେଷ୍ଠତା ରହିଛି ତତ୍‌ସଂପର୍କରେ ଏକ ସୂଚନା ମଧ୍ୟ ରହିଛି । କାରଣ ନବୀ କରୀମ୍[ସ.ଅ] ହ. ଅବୁ ବକର[ର.ଅ]ଙ୍କ ବ୍ୟତୀତ ଅନ୍ୟ କୌଣସି ସାହାବାମାନଙ୍କୁ ସିଦ୍ଦିକ୍ (ସତ୍ୟବାଦୀ) ର ଆଖ୍ୟା ପ୍ରଦାନ କରି ନଥିଲେ ଯିଏ ଆପଣ[ର.ଅ]ଙ୍କ ମର୍ଯ୍ୟାଦା ଏବଂ ମହତ୍ୱକୁ ପ୍ରତିପାଦିତ ଓ ପରିପ୍ରକାଶିତ କରିବ । ଅତଃ ଚିନ୍ତାକାରୀ ବ୍ୟକ୍ତିମାନଙ୍କ ପରି ଚିନ୍ତା କର । । ଉକ୍ତ ଆୟତ୍‌ରେ ସାଲିକିନ୍‌ମାନଙ୍କ (ଈଶ୍ୱରଙ୍କ ସାମୀପ୍ୟତା ପ୍ରାପ୍ତ କରିଥିବା ବ୍ୟକ୍ତି) ପାଇଁ ଶୀର୍ଷ ସ୍ତର ଏବଂ ସେମାନଙ୍କର ଦକ୍ଷତା ଓ ସାମର୍ଥ୍ୟତା ରଖୁଥିବା ବ୍ୟକ୍ତିଙ୍କ ପ୍ରତି ଏକ ବଡ଼ ଇଙ୍ଗିତ ରହିଛି । ମୁଁ ଯେତେବେଳେ ଏହି ଆୟତ୍ ଉପରେ ଅନୁଧ୍ୟାନ କଲି ସେତେବେଳେ ଏହି ସିଦ୍ଧାନ୍ତରେ ଉପନୀତ ହେଲି ଯେ, ଉକ୍ତ ଆୟତ୍‌ଟି ସତ୍ୟବାଦୀ ହ. ଅବୁ ବକର[ର.ଅ]ଙ୍କ ଶ୍ରେଷ୍ଠତ୍ୱ ଏବଂ ପୂର୍ଣ୍ଣତ୍ୱର ସବୁଠୁ ବଡ଼ ସାକ୍ଷୀ ଅଟେ ଏବଂ ତହିଁରେ ଏତେ ନିଗୂଢ଼ ରହସ୍ୟ ନିହିତ ରହିଛି ଏବଂ ତାହା ପ୍ରତ୍ୟେକ ସତ୍ୟାନ୍ୱେଷୀ ବ୍ୟକ୍ତି ଉପରେ ହିଁ ଉନ୍ମୋଚିତ ହୋଇଥାଏ ଯେ ଅନୁସନ୍ଧାନ କରିଥାଏ । ଅତଃ ହ. ଅବୁ ବକର[ର.ଅ] ହେଉଛନ୍ତି ସେହି ବ୍ୟକ୍ତି ଯାହାଙ୍କୁ ରସୁଲୁଲ୍ଲାଃ[ସ.ଅ] ନିଜର ପବିତ୍ର ତୁଣ୍ଡରୁ ସିଦ୍ଦିକ୍ (ଅର୍ଥାତ ସତ୍ୟବାଦୀ)ର ଆଖ୍ୟା ପ୍ରଦାନ କରିଥିଲେ ଏବଂ ପବିତ୍ର କୁରଆନ ସତ୍ୟବାଦୀମାନଙ୍କୁ ଅବତାରମାନଙ୍କ ସହିତ ମିଶାଇ ଦେଇଛନ୍ତି । ଉକ୍ତ ଆୟତ୍‌ରେ ସାଲିକିନ୍‌ମାନଙ୍କ (ଈଶ୍ୱରଙ୍କ ସାମୀପ୍ୟତା ପ୍ରାପ୍ତ କରିଥିବା ବ୍ୟକ୍ତି) ପାଇଁ ଶୀର୍ଷ ସ୍ତର ଏବଂ ସେମାନଙ୍କର ଦକ୍ଷତା ପ୍ରତି ଏକ ବଡ଼ ଇଙ୍ଗିତ ଅଟେ । ମୁଁ ଯେତେବେଳେ ଏହି ଆୟତ୍ ଉପରେ ଅନୁଧ୍ୟାନ କଲି ସେତେବେଳେ ଏହି ସିଦ୍ଧାନ୍ତରେ ଉପନୀତ ହେଲି ଯେ, ଉକ୍ତ ଆୟତ୍‌ଟି ସତ୍ୟବାଦୀ ହ. ଅବୁ ବକର[ର.ଅ] ଙ୍କ ଶ୍ରେଷ୍ଠତ୍ୱ ଏବଂ ପୂର୍ଣ୍ଣତ୍ୱର ସବୁଠୁ ବଡ଼ ସାକ୍ଷୀ ଅଟେ ଏବଂ ତହିଁରେ ଏତେ ନିଗୂଢ଼ ରହସ୍ୟ ନିହିତ ରହିଛି ଏବଂ ତାହା ପ୍ରତ୍ୟେକ ସତ୍ୟାନ୍ୱେଷୀ ବ୍ୟକ୍ତି ଉପରେ ହିଁ ଉନ୍ମୋଚିତ ହୋଇଥାଏ ଯେ ଅନୁସନ୍ଧାନ କରିଥାଏ । ଅତଃ ହ. ଅବୁ ବକର[ର.ଅ] ହେଉଛନ୍ତି ସେହି ବ୍ୟକ୍ତି ଯାହାଙ୍କୁ ରସୁଲୁଲ୍ଲାଃ[ସ.ଅ] ନିଜର ପବିତ୍ର ତୁଣ୍ଡରୁ ସିଦ୍ଦିକ୍ (ଅର୍ଥାତ ସତ୍ୟବାଦୀ)ର ଆଖ୍ୟା ପ୍ରଦାନ କରିଥିଲେ । ଯେପରିକି ବୁଦ୍ଧିଜୀବୀଙ୍କ ନିକଟରେ ଏକଥା ଗୁପ୍ତ ତଥା ଲୁକ୍କାୟିତ ହୋଇ ରହି ନାହିଁ । ଠିକି ସେହିପରି ମୁଁ ସାହାବାମାନଙ୍କ ମଧ୍ୟରୁ କୌଣସି ସାହାବିଙ୍କ ଉପରେ ମଧ୍ୟ ଏହି ସମ୍ବୋଧନକୁ ଚରିତାର୍ଥ ହେଉଥିବାର ଉଚିତ ବୋଲି ମନେକରୁ ନାହିଁ । ଏହିପରି ଭାବରେ ଆପଣ[ର.ଅ]ଙ୍କ ସତ୍ୟବାଦୀତା, ବିଶ୍ୱସ୍ତା ପ୍ରମାଣିତ ହୋଇଗଲା । କାରଣ ନବୀମାନଙ୍କ ପରେ ଆପଣ[ର.ଅ] ହ. ଅବୁ ବକର[ର.ଅ]ଙ୍କ ନାମର ଚର୍ଚ୍ଚା କରାଯାଇଛି।

**(ସିରୁଲ୍ ଖିଲାଫାର ଅନୁବାଦ, ପୃ-104-107)**

ହ. ମସିହ୍ ମଉଦ୍[ଅ.ସ] କୁହନ୍ତି, ଇବ୍‌ନେ ଖୁଲ୍‌ଦୁନ୍ କହିଛନନ୍ତି, ଆଁହଜରତ[ସ.ଅ]ଙ୍କ ଅନ୍ତିମ ବ୍ୟାଧିର ଯନ୍ତ୍ରଣା ଯେତେବେଳେ ବୃଦ୍ଧି ପାଇଲା ଏବଂ ଆପଣ[ର.ଅ]ଙ୍କ ଉପରେ ଯେତେବେଳେ ଚେତାଶୂନ୍ୟ ଅବସ୍ଥା ବିସ୍ତାରିତ ହେଲା ଏବଂ ନମାଜର ସମୟ ହୋଇଯିବା ଦେଖି ଆପଣ [ସ.ଅ] ସେଠାରେ ଉପସ୍ଥିତ ସାହାବାମାନଙ୍କୁ କହିଲେ, ହ. ଅବୁ ବକର[ର.ଅ]ଙ୍କୁ କହି ଦିଅ ଯେ, ସେ ଲୋକମାନଙ୍କୁ ନମାଜ ପଢେଇବେ ।

**(ଅଲ୍ ଜୁଜଉସ୍ ସାନି, ପୃ-62)**

ଆପଣ[ଅ.ସ] ପୁନଶ୍ଚ କୁହନ୍ତି ଯେ, ଇବ୍‌ନେ ଖୁଲ୍‌ଦୁନ୍ କୁହନ୍ତି ଯେ, "ଏହାପରେ ରସୁଲୁଲ୍ଲାଃ[ସ.ଅ] ନିଜର ସାହାବାମାନଙ୍କୁ ତିନୋଟି କଥାର ଓସିୟତ୍ କରି କହିଲେ, "ହ. ଅବୁ ବକର[ର.ଅ]ଙ୍କ ଦ୍ୱାର ଓ ଝରକା ବ୍ୟତୀତ ମସଜିଦ୍ ଆଡ଼କୁ ଖୋଲୁଥିବା ଅନ୍ୟ ସମସ୍ତ ବ୍ୟକ୍ତିଙ୍କର ଝରକା ଓ କବାଟ ବନ୍ଦ କରି ଦିଆଯାଉ ! କାରଣ ମୁଁ ସାହାବାମାନଙ୍କ ମଧ୍ୟରେ ହ. ଅବୁ ବକର[ର.ଅ]ଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଦୟା ପ୍ରଦର୍ଶନ କରୁଥିବାର ଦେଖୁ ନାହିଁ । **(ଅଲ୍ ଜୁଜଉସ୍ ସାନି, ପୃ-62)**

ହ. ମସିହ୍ ମଉଦ୍[ଅ.ସ] କୁହନ୍ତି: ପୁନଶ୍ଚ ଇବ୍‌ନେ ଖୁଲ୍‌ଦୁନ୍ କୁହନ୍ତି, ହ. ଅବୁ ବକର[ର.ଅ] ଆସିଲେ ଓ ରସୁଲୁଲ୍ଲାଃ[ସ.ଅ]ଙ୍କ ନିକଟରେ ଉପସ୍ଥିତ ହେଲେ । ଆପଣ[ସ.ଅ]ଙ୍କ ମୁଖ ମଣ୍ଡଳରୁ ଚଦର ହଟେଇଲେ ଓ ଆପଣ [ସ.ଅ]ଙ୍କୁ ଚୁମ୍ବନ ଦେଇ କହିଲେ, ମୋର ମାତା ପିତା ଆପଣ[ସ.ଅ]ଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ । ଅଲ୍ଲାଃତାଲା ଯେଉଁ ମୃତ୍ୟୁ ଆପଣ[ସ.ଅ]ଙ୍କ ଲାଗି ଧାର୍ଯ୍ୟ କରିଥିଲେ ତା'ର ସ୍ୱାଦ ଆପଣ[ସ.ଅ]ଙ୍କୁ ଆସ୍ୱାଦନ କରାଇ ଦେଲେ । କିନ୍ତୁ ବର୍ତ୍ତମାନ ଏହା ପରେ ଆପ [ସ.ଅ] ଆଉ କେବେ ମୃତ୍ୟୁବରଣ କରିବେ ନାହିଁ । **(ଅଲ୍ ଜୁଜଉସ୍ ସାନି, ପୃ-62)**

ହ. ମସିହ୍ ମଉଦ୍[ଅ.ସ] କୁହନ୍ତି: "ଅଲ୍ଲାଃତାଲାଙ୍କ ଅପାର ଦୟା ଏବଂ ଉପକାର ମଧ୍ୟରୁ ଯେଉଁ ଅପାର ଓ ଅସୀମ ଦୟା ସେ ହ. ଅବୁ ବକରଙ୍କ ଉପରେ ଅବତୀର୍ଣ୍ଣ କରିଛନ୍ତି ଏବଂ ରସୁଲୁଲ୍ଲାଃ[ସ.ଅ]ଙ୍କ ଶ୍ରେଷ୍ଠତ୍ୱ ଓ ପୂର୍ଣ୍ଣତ୍ୱର ଯେଉଁ ସୌନ୍ଦର୍ଯ୍ୟମୂଳକ ସୁଗୁଣାବଳୀ ଆପଣ[ର.ଅ]ଙ୍କୁ ପ୍ରାପ୍ତ ହୋଇଥିଲା । ଯେପରିକି ଇବ୍‌ନେ ଖୁଲ୍‌ଦୁନ୍ ବର୍ଣ୍ଣନା କରିଛନ୍ତି ଯେ, ତାହା (ଅଲ୍ଲାଃତାଲାଙ୍କ ହ. ଅବୁ ବକର[ର.ଅ]ଙ୍କ ଉପରେ ହୋଇଥିବା ଅସୀମ ଦୟା) ଏହିପରି ଥିଲା ଯେ, ହ. ଅବୁ ବକର[ର.ଅ]ଙ୍କ ଶବକୁ ସେହି ଖଟରେ କାନ୍ଧେଇ ନିଆଯାଇଥିଲା ଯେଉଁ ଖଟରେ ଆଁହଜର [ସ.ଅ]ଙ୍କୁ କାନ୍ଧେଇ ନିଆଯାଇଥିଲା ଏବଂ ଆପଣ[ର.ଅ]ଙ୍କର କବର ମଧ୍ୟ ଆଁହଜର [ସ.ଅ]ଙ୍କ କବର ପରି ସୁନ୍ଦର ପ୍ରସ୍ତୁତ ହୋଇଥିଲା । ସାହାବାମାନେ ଆପଣ[ର.ଅ]ଙ୍କ କବର ଆଁହଜରତ[ସ.ଅ]ଙ୍କ କବର ନିକଟରେ ତିଆରି କିରଥିଲେ । ଆପଣ[ର.ଅ] ଯେଉଁ ଶେଷ ବାକ୍ୟ କହିଥିଲେ ତାହା ଏହିପରି ଥିଲା ଯେ, ହେ ଅଲ୍ଲାଃ ! ମୋତେ ମୁସଲମାନ ଥିବା ଅବସ୍ଥାରେ ହିଁ ମୃତ୍ୟୁ ପ୍ରଦାନ କର ଏବଂ ମୋତେ ପୁଣ୍ୟବାନ ବ୍ୟକ୍ତିଙ୍କ ମଧ୍ୟରେ ସାମିଲ୍ କରିଦିଅ ।"

**(ସିରରୁଲ୍ ଖିଲାଫାର ଅନୁବାଦ, ପୃ-189-190 ବିଶିଷ୍ଟ ଦ୍ରବ୍ୟ)**

ହ. ମସିହ୍ ମଉଦ [ଅ.ସ] କୁହନ୍ତି, ସତ୍ୟବାଦୀ ହ. ଅବୁ ବକର[ର.ଅ] ଜଣେ ଅନନ୍ୟ ଓ ଈଶ୍ୱରପ୍ରିୟ ବ୍ୟକ୍ତି ଥିଲେ ଏବଂ ସେ ହିଁ ସେହି ବ୍ୟକ୍ତି ଯିଏ ଅନ୍ଧକାର ଯୁଗ ପରେ ଇସ୍‌ଲାମ୍ ଧର୍ମର ଚେହେରାକୁ ଆଲୋକିତ କରିଥିଲେ । ଯେଉଁ ବ୍ୟକ୍ତି ଇସ୍‌ଲାମ୍ ଧର୍ମକୁ ପରିତ୍ୟାଗ କଲା ଆପଣ[ର.ଅ] ତା' ସହିତ ମୁକାବିଲା କରିଥିଲେ । ଯେଉଁ ବ୍ୟକ୍ତି ସତ୍ୟରୁ ଓହରିଗଲା ଆପଣ[ର.ଅ] ତା' ସହିତ ଯୁଦ୍ଧ କଲେ ଏବଂ ଯେଉଁ ବ୍ୟକ୍ତି ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେଲା ତେବେ ସେ ପରିପ୍ରେକ୍ଷୀରେ ତା' ପ୍ରତି ଆପଣ[ର.ଅ] ବିନୀତତା, ବିନମ୍ରତା ଏବଂ କୋହଳତା ପ୍ରଦର୍ଶନ କଲେ । ଆପଣ[ର.ଅ] ଇସ୍‌ଲାମ୍ ଧର୍ମ ସକାଶେ ଅନେକ ଦୁଃଖ କଷ୍ଟ ସହ୍ୟ କଲେ । ଆପଣ[ର.ଅ] ପ୍ରାଣୀମାନଙ୍କୁ ବହୁମୂଲ୍ୟ ରତ୍ନ ମାଣିକ୍ୟ ପ୍ରଦାନ କଲେ । ଆପଣ[ର.ଅ] ନିଜର ପବିତ୍ର ଦୃଢ ସଂକଳ୍ପ ଯୋଗୁଁ ପୁରପଲ୍ଲୀ ଜନତାଙ୍କୁ ସାମାଜିକତା ଓ ଶିଷ୍ଟାଚାର ଶିଖାଇଲେ । ଆପଣ[ର.ଅ] ସେହି ବେ ଲଗାମ୍ ଏମୁ ପକ୍ଷୀ ପରି ଜୀବନ ବିତାଉଥିବା ଲୋକମାନଙ୍କୁ ଖାଦ୍ୟ-ପେୟ, ମିଳାମିଶା, ଉଠାବସା ଆଦି ଶିଷ୍ଟାଚାର, ପୁଣ୍ୟ ମାର୍ଗ ସନ୍ଧାନ କରିବା ଓ ଯୁଦ୍ଧରେ ବୀରତ୍ୱ ତଥା ସାହାସିକତା, ଉତ୍ସାହ, ଉନ୍ମାଦନା ଆଦିର ଶିଷ୍ଟାଚାର ଶିଖାଇଥିଲେ । ଆପଣ[ର.ଅ] ପ୍ରତ୍ୟେକ ପାର୍ଶ୍ୱରେ ନିରାଶା ଦେଖି ମଧ୍ୟ କାହା ସହିତ ଯୁଦ୍ଧ ସଂକ୍ରାନ୍ତରେ ପ୍ରଶ୍ନ କଲେ ନାହିଁ ବରଂ ଏବଂ ପ୍ରତ୍ୟେକ ପ୍ରତିପକ୍ଷ ସହିତ ଯୁଦ୍ଧ କରିବା ପାଇଁ ଛିଡ଼ା ହୋଇ ପଡ଼ିଲେ । ପ୍ରତ୍ୟେକ ଭୀରୁ ରୋଗୀ ବ୍ୟକ୍ତି ପରି ନିଜର ଚିନ୍ତାଧାରାକୁ ନିରର୍ଥକ କଲେ ନାହିଁ ଏବଂ ପ୍ରତ୍ୟେକ ପ୍ରତିପକ୍ଷ ସହିତ ଯୁଦ୍ଧ କରିବା ପାଇଁ ଶୀଘ୍ର ଛିଡ଼ା ହୋଇ ପଡ଼ିଲେ । ପ୍ରତ୍ୟେକ ଉପଦ୍ରବ, ବିପତ୍ତି ସମୟରେ ଅବିଚଳତା ପ୍ରଦର୍ଶନ କଲେ । କାରଣ ଆପଣ[ର.ଅ]ଙ୍କୁ ରଜ୍‌ୱା (ମଦିନାର ଏକ ପର୍ବତ ସ୍ଥିତ ଗୁମ୍ଫା) ଗୁମ୍ଫା ଠାରୁ ଅଧିକ ଦୃଢ ଥିଲେ । ପ୍ରତ୍ୟେକ ସେହି ବ୍ୟକ୍ତି ଯିଏ ଅବତାରତ୍ୱର ମିଥ୍ୟା ଦାବି କଲା ଆପଣ[ର.ଅ] ତା'ର ସଂହାର କରିଦେଲେ ଏବଂ ଅଲ୍ଲାଃତାଲାଙ୍କ ସକାଶେ ସମସ୍ତ ସଂପର୍କକୁ ଛିନ୍ନ ତଥା ସଂପର୍କୀୟଙ୍କୁ ଦୂରେଇ ଦେଇଥିଲେ । ଆପଣ[ର.ଅ] ଙ୍କ ସମସ୍ତ ପ୍ରସନ୍ନତା ଈଶ୍ୱରଙ୍କ ବାଣୀ ଉଚ୍ଚ ହେବା ଓ ନବୀ କରୀମ୍[ସ.ଅ]ଙ୍କ ଆନୁଗତ୍ୟତା ଅନୁଯାୟୀ ହିଁ ଥିଲା ।

ଆପଣ[ଅ.ସ] କୁହନ୍ତି: ତାହା ଅତ୍ମାର ଇଚ୍ଛା ତଥା ଆତ୍ମାର ଅନୁକରଣକାରୀ ବ୍ୟକ୍ତି ପରି ପୂର୍ବଜମାନଙ୍କର ଚିନ୍ତାଧାର ରଖୁଥିବା ବ୍ୟକ୍ତି ପରି ଅନୁକରଣକାରୀ ପରି କରି

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃର ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ନାହିଁ ବରଂ ମୁଁ ଯେବେଠାରୁ ଚାଲିବା ଆରମ୍ଭ କରିଛି ଓ ଯେବେ ଠାରୁ ମୋର କଲମ ଲେଖିବା ଆରମ୍ଭ କରିଛି ସେବେଠାରୁ ମୁଁ ଏହି ପ୍ରସଙ୍ଗକୁ ଭଲ ପାଉଛି ଯେ, ନିଜର ଧର୍ମ ବିଶ୍ୱାସ, ଚିନ୍ତାଧାରାକୁ ନିଜର ପରମ ଅଭିପ୍ରାୟ ବୋଲି ବିବେଚିତ କରିବି । ସୁତରାଂ ମୁଁ ପୂର୍ଣ୍ଣ ଅନୁସନ୍ଧାନ କଲି । ପ୍ରତ୍ୟେକ ଖବରର ସତ୍ୟାସତ୍ୟ ଜାଣିଲି ଓ ପ୍ରତ୍ୟେକ ଅଭିଜ୍ଞ ବିଶେଷଜ୍ଞ ବ୍ୟକ୍ତିକୁ ପଚାରିଲି । ମୁଁ ସତ୍ୟବାଦୀ ହ. ଅବୁ ବକରର.ଅଙ୍କୁ ଜଣେ ସତ୍ୟବାଦୀ ବ୍ୟକ୍ତି ରୂପେ ପାଇଲି ଏବଂ ଗବେଷଣା ଦୃଷ୍ଟିରୁ ଏହି ପ୍ରସଙ୍ଗଟି ମୋ ଉପରେ ଉନ୍ମୋଚିତ ହେଲା ଯେତେବେଳେ ମୁଁ ଆପଣର.ଅଙ୍କୁ ସମସ୍ତ ଇମାମ୍ (ଧର୍ମାଧ୍ୟକ୍ଷ)ଙ୍କର ଇମାମ୍ ଏବଂ ଧର୍ମ ଓ ଜାତିର ଦୀପ ରୂପେ ପାଇଲି ସେତେବେଳେ ମୁଁ ଆପଣର.ଅଙ୍କ ରିକାବ୍ (ଦଉଡ଼ି)କୁ ଦୃଢ ରୂପେ ଧରିନେଲି ଏବଂ ଆପଣର.ଅଙ୍କ ଛତ୍ରଛାୟା ତଳେ ଆଶ୍ରୟ ନେଲି ଏବଂ ପୁଣ୍ୟବାନମାନଙ୍କ ସହିତ ପ୍ରେମ କରି ନିଜର ପାଳନକର୍ତ୍ତାଙ୍କ କୃପାକୁ ପ୍ରାପ୍ତ କରିବା ପାଇଁ ଅଭିଳାଷୀ ହୋଇଥିଲି । ଅତଃ ସେହି ଅଶେଷ ଦୟାବାନ ଏବଂ ସଦା କରୁଣାମୟ ପ୍ରଭୁ ମୋ ଉପରେ ନିଜର କୃପାବତୀର୍ଣ୍ଣ କଲେ, ଆଶ୍ରୟ ଦେଲେ, ମୋତେ ସାହାଯ୍ୟ ଓ ସମର୍ଥନ କଲେ, ମୋର ସଂସ୍କାର କଲେ, ମୋତେ ସମ୍ମାନିତ ବ୍ୟକ୍ତିଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କଲେ, ନିଜର ଅପାର କୃପା ଦ୍ୱାରା ସେ ମୋତେ ଏହି ଶତାବ୍ଦୀର ସୁଧାରକ ଓ ପ୍ରତିଶ୍ରୁତ ମସିହ୍ କରି ମୋତେ ଐଶୀବାଣୀ ପ୍ରାପ୍ତକାରୀ ବ୍ୟକ୍ତିଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରିଦେଲେ । ମୋ ଠାରୁ ଦୁଃଖକୁ ଦୂରୀଭୂତ କରିଦେଲେ ଏବଂ ମୋତେ ତାହାସବୁ ପ୍ରଦାନ କଲେ ଯାହା ସମଗ୍ର ସଂସାରରେ ଅନ୍ୟ କୌଣସି ବ୍ୟକ୍ତିକୁ ପ୍ରଦାନ କଲେ ନାହିଁ । ଏହିସବୁ ସେହି ପ୍ରିୟ ନବୀ ତଥା ମୁନିବ ହ. ମୁହମ୍ମଦସ.ଅ ଓ ତାହାଙ୍କ ସାମୀପ୍ୟ ପ୍ରାପ୍ତକାରୀଙ୍କ ପ୍ରେମ ଯୋଗେ ପ୍ରାପ୍ତ ହେଲା । ହେ ପ୍ରଭୁ ! ତୁମ୍ଭେ ନିଜର ସର୍ବଶ୍ରେଷ୍ଠ ଅବତାର ଏବଂ ସକଳ ନବୀଙ୍କ ସମାପ୍ତକାରୀ ତଥା ଶିରୋମଣି ଏବଂ ସଂସାରର ସମସ୍ତ ବ୍ୟକ୍ତିଙ୍କ ମଧ୍ୟରୁ ସର୍ବୋତ୍କୃଷ୍ଟ ଏବଂ ସର୍ବୋତ୍ତମ ଅସ୍ତିତ୍ୱ ମୁହମ୍ମଦସ.ଅଙ୍କ ଉପରେ ଦୁରୁଦ୍ ପ୍ରେରଣ କର । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ସତ୍ୟବାଦୀ ଖଲିଫା ହ. ଅବୁ ବକରର.ଅ ହରମୈନ୍ (ପବିତ୍ର ଧାର୍ମିକ ପୀଠ ମକ୍କା ମୁଅଜ୍ଜମା ଓ ମଦିନା ମୁନଓ୍ୱରାହ୍)ରେ ଏବଂ ଉଭୟ କବରରେ ମଧ୍ୟ ଆଁହଜରତସ.ଅଙ୍କ ବନ୍ଧୁ ଅଟନ୍ତି । ହ. ମସିହ୍ ମଉଦ୍ଅ.ସ କୁହନ୍ତି, ତହିଁରୁ ମୋର କହିବାର ତାତ୍ପର୍ଯ୍ୟ ଏହିକି ଯେ, ଏକ କବର ଗାରେ ସୋର୍ ଏବଂ ଅନ୍ୟ ଏକ କବରଟି ହେଉଛି ମଦିନାରେ ଅବସ୍ଥିତ ଥିବା କବର ଯେଉଁଠି ନବୀ ଶ୍ରେଷ୍ଠ ହ. ମୁହମ୍ମଦସ.ଅଙ୍କ ସମାଧି ରହିଛି ପ୍ରତ୍ୟେକ ସ୍ଥଳେ ତାଙ୍କୁ ହୁଜୁରସ.ଅଙ୍କର ସାହଚର୍ଯ୍ୟତା ପ୍ରାପ୍ତ ହୋଇଥିଲା ।

ହ. ମସିହ୍ ମଉଦ୍ଅ.ସ କୁହନ୍ତି, ଆପଣମାନେ ସର୍ବଦା ସତ୍ୟବାଦୀ ଖଲିଫା ହ. ଅବୁ ବକରର.ଅଙ୍କ ମର୍ଯ୍ୟାଦାକୁ ଭଲ ଭାବରେ ବୁଝି ନେ ଯଦି ତୁ ବୁଦ୍ଧିମାନ ଅଟୁ । ଅଲ୍ଲାଃତାଲା ଆପଣର.ଅଙ୍କ ଖିଲାଫତ୍ ସଂପର୍କରେ ପବିତ୍ର କୁରଆନରେ ପ୍ରଶଂସା କରିଛନ୍ତି ଏବଂ ସର୍ବୋତ୍କୃଷ୍ଟ ବର୍ଣ୍ଣନା ଦ୍ୱାରା ଆପଣର.ଅଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି । ନିଃସନ୍ଦେହ ରୂପେ ହ. ଅବୁ ବକରର.ଅ ଅଲ୍ଲାଃତାଲାଙ୍କର ପ୍ରିୟ ଭକ୍ତଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି । ଜଣେ ପାଗଳ ବ୍ୟକ୍ତି ଛଡ଼ା ଆଉ କେହି ବି ଆପଣର.ଅଙ୍କ ପ୍ରତି ଅସମ୍ମାନ ଆଚରଣ ପ୍ରଦର୍ଶନ କରି ପାରିବ ନାହିଁ । ଆପଣର.ଅଙ୍କ ଖିଲାଫତ୍ ମାଧ୍ୟମରେ ସମସ୍ତ ପ୍ରକାରର ବିପତ୍ତି ଦୂରୀଭୂତ ହୋଇଯାଇଥିଲା । ଆପଣର.ଅ ଦୟା ଯୋଗୁଁ ମୁସଲମାନମାନଙ୍କର ସୌଭାଗ୍ୟ ପୂର୍ଣ୍ଣତ୍ୱକୁ ପହଞ୍ଚିଲେ । ଯଦି ଜୀବଶ୍ରେଷ୍ଠ ପୁରୁଷୋତ୍ତମଙ୍କ ସତ୍ୟବାଦୀ ବୃହତ୍ ସତ୍ୟବାଦୀ ନ ଥାଆନ୍ତେ ତେବେ ଇସ୍‌ଲାମ୍ ଧର୍ମର ସ୍ତମ୍ଭ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇ ଥାଆନ୍ତା । "ଯେତେବେଳେ ଆପଣର.ଅ ଇସ୍‌ଲାମ୍ ଧର୍ମକୁ ଦୁର୍ବଳ, ନିଃସହାୟ, ନିର୍ଧନ ବ୍ୟକ୍ତି ପରି ପାଇଲେ ସେତେବେଳେ ଆପଣର.ଅ ଜଣେ ଦକ୍ଷ ତଥା ଅଭିଜ୍ଞ ବ୍ୟକ୍ତି ପରି ତା'ର ଶୋଭା ଓ ସବୁଜିମାକୁ ପୁନଃ ଫେରାଇ ଆଣିବା ପାଇଁ ଛିଡ଼ା ହୋଇ ପଡ଼ିଲେ ଏବଂ ଜଣେ ସର୍ବସ୍ୱ ହରାଇଥିବା ବ୍ୟକ୍ତି ପରି ନିଜର ହଜି ଯାଇଥିବା ବସ୍ତୁର ସନ୍ଧାନରେ ମଜ୍ଜିତ ହୋଇଗଲେ । ଏପର୍ଯ୍ୟନ୍ତକି ଇସ୍‌ଲାମ୍ ଧର୍ମ ନିଜର ଯଥୋଚିତ ଉଚ୍ଚତା, ନିଜର କୋମଳ ଗାଲ, ନିଜର ସବୁଜିମା ସୌନ୍ଦର୍ଯ୍ୟତା ଓ ନିଜର ନିର୍ମଳ ଜଳର ମିଷ୍ଟତା ଆଡ଼କୁ ଫେରି ଆସିଲା ଏବଂ ଏହି ସବୁକିଛି ସେହି ସନ୍ଥକ ରକ୍ଷାକାରୀ ଭକ୍ତର ନିଷ୍ଠା ଯୋଗୁଁ ସମ୍ଭବପର ହୋଇ ପାରିଥିଲା ।"

ଆପଣର.ଅ ନିଜକୁ ମାଟିରେ ମିଶାଇ ଦେଲେ ଓ ନିଜର ଅବସ୍ଥାକୁ ପରିବର୍ତ୍ତନ କଲେ, ଅଶେଷ ଦୟାବାନ ଓ ସଦା କୁଣାମୟ ପ୍ରଭୁଙ୍କ ସାନ୍ନିଧ ଓ ତାହାଙ୍କ ପ୍ରସନ୍ନତା ପ୍ରାପ୍ତି ବ୍ୟତୀତ ଅନ୍ୟ କୌଣସି ପୁରସ୍କାରର ଅଭିଳାଷୀ ହେଲେ ନାହିଁ । ଏହିଭଳି ଅବସ୍ଥା ପ୍ରତ୍ୟେକ ଦିନ ଓ ପ୍ରତ୍ୟେକ ରାତି ଆପଣର.ଅଙ୍କ ଉପରେ ବିତି ଥିଲା । ଆପଣର.ଅ ଦୁର୍ଗନ୍ଧଯୁକ୍ତ ହାଡ଼ରେ ଜୀବନ ନ୍ୟାସକାରୀ, ବିପତ୍ତି ତଥା ବିଘ୍ନତା ଦୂରକାରୀ, ମରୁଭୂମିର ସୁମିଷ୍ଟ ଫଳନ୍ତି ବୃକ୍ଷକୁ ରକ୍ଷା କରୁଥିଲେ । ଆପଣର.ଅଙ୍କ ଭାଗରେ କେବଳ ପ୍ରଭୁଙ୍କ ସାହାଯ୍ୟ ହିଁ ପଡ଼ିଲା । ଅର୍ଥାତ ପ୍ରଭୁ ଆପଣର.ଅଙ୍କୁ ସାହାଯ୍ୟ କଲେ । ଏହା କେବଳ ପ୍ରଭୁଙ୍କ ଅସୀମ ଓ ଅପାର ଦୟା ଯୋଗୁଁ ହିଁ ସମ୍ଭବପର ହୋଇ ପାରିଥିଲା । ବର୍ତ୍ତମାନ ଆମେମାନେ ଏକେଶ୍ୱର ପ୍ରଭୁଙ୍କ ଉପରେ ଭରସା କରି କୌଣସି ପ୍ରକାରେ ଏକ ସାକ୍ଷ୍ୟର ଚର୍ଚ୍ଚା କରି ଦେଉଛୁ । କାରଣ ତୁମ ଉପରେ ଏହି କଥା ପ୍ରକାଶ୍ୟ ହୋଇଯାଉ । କାରଣ ଆପଣର.ଅ ତୀବ୍ର ଓ ପ୍ରଚଣ୍ଡ ଝଡ଼ ବତାସଯୁକ୍ତ ଉପଦ୍ରବ, ପୋଡ଼ି ପକାଉଥିବା ଅଙ୍ଗାରର ବିପତ୍ତିକୁ ସମାପ୍ତ କରିଥିଲେ । ଆପଣର.ଅ କିପରି ଭାବରେ ବଡ଼ ବଡ଼ ଯୁଦ୍ଧରେ ଅଭିଜ୍ଞ ବର୍ଚ୍ଛାଧାରୀ ଓ ଖଡ଼ଗଧାରୀମାନଙ୍କୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରିଥିଲେ । ଠିକ୍ ସେହିପରି ଆପଣର.ଅଙ୍କ ଆଭ୍ୟନ୍ତରୀଣ ଅବସ୍ଥାର କୃତିତ୍ୱ ପ୍ରକାଶିତ ହୋଇଗଲା ଓ ଆପଣ ର.ଅଙ୍କ କର୍ମ ଆପଣର.ଅଙ୍କ ପ୍ରଶଂସନୀୟ ପୁଣ୍ୟାବଳୀର ବାସ୍ତବତାର ସାକ୍ଷ୍ୟ ପ୍ରଦାନ କଲା । ଅଲ୍ଲାଃତାଲା ଆପଣର.ଅଙ୍କୁ ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ ଓ ଧର୍ମ ପରାୟଣମାନଙ୍କର ଧର୍ମାଧ୍ୟକ୍ଷଙ୍କ ମଧ୍ୟରେ ଆପଣର.ଅ ଅନ୍ତର୍ଭୁକ୍ତ ହୁଅନ୍ତୁ । ଅଲ୍ଲାଃତାଲାଙ୍କ ପ୍ରିୟତମଙ୍କ ଉପରେ ଆମର ପ୍ରାଣ ଉତ୍ସର୍ଗ ହୋଇଯାଉ ! ହେ ପୁରସ୍କାର ଓ କୃପା, ଦୟାର ଅନୁଗ୍ରହକାରୀର ଈଶ୍ୱର ! ମୋର ପ୍ରାର୍ଥନାକୁ ସ୍ୱୀକର କର । ତୁମ୍ଭେ ଅଶେଷ ଦୟାବାନ ଓ ସଦା କରୁଣାମୟ ପ୍ରଭୁ ଅଟ । ତୁମ୍ଭେ ଦୟା ତଥା କରୁଣା ପ୍ରଦର୍ଶନ କରିବାରେ ସର୍ବୋତ୍ତମ ଓ ସର୍ବଶ୍ରେଷ୍ଠ ପ୍ରଭୁ ଅଟେ ।

**(ସିରରୁଲ୍ ଖିଲାଫାରୁ ଆହୃତ ଅନୁବାଦ, ପୃ-185-187ର ବିଶିଷ୍ଟ ଦ୍ରବ୍ୟ)**

ହ. ମସିହ୍ ମଉଦ୍ଅ.ସ ପୁନଶ୍ଚ କୁହନ୍ତି: "ହ. ମସିହ୍ ମଉଦ୍ଅ.ସ କୁହନ୍ତି, ଆପଣମାନେ ସର୍ବଦା ସତ୍ୟବାଦୀ ଖଲିଫା ହ. ଅବୁ ବକରର.ଅଙ୍କ ଆଦର୍ଶ ନିଜ ସମ୍ମୁଖରେ ରଖନ୍ତୁ ଏବଂ ଆଁହଜରତସ.ଅଙ୍କ ସେହି ଯୁଗ ଉପରେ ବିଚାର କରନ୍ତୁ ଯେତେବେଳେ କୁରୈଶୀୟ ଶତ୍ରୁମାନେ ପ୍ରତ୍ୟେକ ଦିଗରୁ ଉପଦ୍ରବରେ ମାତିଥିଲେ ଏବଂ ସେମାନେ ଆପଣସ.ଅଙ୍କୁ ହତ୍ୟା କରିବାର ଯୋଜନା ମଧ୍ୟ ପ୍ରସ୍ତୁତ କରି ସାରିଥିଲେ । ସେହି ଯୁଗଟି ଭୀଷଣ ପରୀକ୍ଷାର ଯୁଗ ଥିଲା ଯେତେବେଳେ ହ. ଅବୁ ବକରର.ଅ ବନ୍ଧୁତ୍ୱର ଯେଉଁ କର୍ତ୍ତବ୍ୟ ସମ୍ପାଦନ କଲେ ତାହାର ଉଦାହରଣ ବିଶ୍ୱ ଇତିହାସରେ ଅନ୍ୟ କେଉଁଠାରେ ମଧ୍ୟ ଦେଖିବାକୁ ମିଳୁ ନାହିଁ । ଏହି ଶକ୍ତି ସତ୍ୟବାଦୀତା ଏବଂ ବିଶ୍ୱାସ ବ୍ୟତୀରେକ କଦାପି ପ୍ରାପ୍ତ ହୋଇପାରିବ ନାହିଁ ।"

ଆଜି ତୁମେମାନେ ଯେଉଁଭଳି ଭାବରେ ବସିଅଛ ନିଜ ନିଜ ସ୍ଥାନରେ ବସି ଭଲ ଭାବରେ ଟିକିଏ ଚିନ୍ତା କରି ଦେଖ ଯେ, ଯଦି ସେହିଭଳି ବିପତ୍ତି ଏବଂ ଅଗ୍ନୀ ପରୀକ୍ଷା ମଧ୍ୟ ଦେଇ ତୁମେମାନେ ଗତିକର ତେବେ କେତେ ଲୋକ ତୁମକୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିବେ ? ଉଦାହରଣ ସ୍ୱରୂପ ସରକାରଙ୍କ ପକ୍ଷରୁ ଏହି ତଦନ୍ତ ଆରମ୍ଭ କରିଦିଆଯାଏ ଯେ, କେଉଁ କେଉଁ ବ୍ୟକ୍ତି ଉକ୍ତ ବ୍ୟକ୍ତି (ଅର୍ଥାତ ହ. ମସିହ୍ ମଉଦ୍ ଅ.ସଙ୍କର) ବୈଅତ୍ କରିଛନ୍ତି ? ଏପରି କେତେ ବ୍ୟକ୍ତି ଅଛନ୍ତି ଯିଏ ସାହାସର ସହିତ ଏହା କହିପାରିବେ ଯେ, ଆମ ନବ ଦୀକ୍ଷିତ ଅଟୁ ? ମୁଁ ଜାଣେ, ଏକଥା ଶୁଣି କେତେକ ଲୋକମାନଙ୍କର ହାତ ଗୋଡ଼ ନିଷ୍କ୍ରିୟ ହୋଇଯିବ (ଅର୍ଥାତ ହାତ ଗୋଡ଼ ଆଉ କାମ କରିବ ନାହିଁ) । ସେମାନଙ୍କୁ ଶୀଘ୍ର ନିଜର ସମ୍ପତ୍ତି ଏବଂ ସଂପର୍କୀୟଙ୍କ ଚିନ୍ତା ଘାରିବ ଯେ, ତାଙ୍କୁ ନିଜର ବନ୍ଧୁ ପରିଜନ ଏବଂ ସଂପର୍କୀୟ ଓ ଆତ୍ମୀୟ ସ୍ୱଜନଙ୍କୁ ପରିତ୍ୟାଗ କରିବାକୁ ହେବ ।

ଆପଣଅ.ସ କୁହନ୍ତି: "ଘଡ଼ିସନ୍ଧି ମୁହୂର୍ତ୍ତରେ ସମର୍ଥନ ଜଣାଇବା ହିଁ ସର୍ବଦା ଜଣେ ପ୍ରକୃତ ତଥା ପୂର୍ଣ୍ଣ ବିଶ୍ୱାସୀ ବ୍ୟକ୍ତିଙ୍କର କାର୍ଯ୍ୟ ଅଟେ । ଏଣୁ ଯେପର୍ଯ୍ୟନ୍ତ ମନୁଷ୍ୟ ବ୍ୟବହାରିକ କ୍ଷେତ୍ରରେ ବିଶ୍ୱାସକୁ ଆପଣାଇ ନ ନେଇଛି ସେପର୍ଯ୍ୟନ୍ତ କେବଳ ତୁଚ୍ଛାଟାରେ ନିଜ ତୁଣ୍ଡରୁ କଥା କହିବା ଓ ନିଜର ବିଶ୍ୱାସ ପ୍ରଦର୍ଶନ କରିବା ମୂଲ୍ୟହୀନ ଅଟେ । ବାହାନା କରିବା ସେପର୍ଯ୍ୟନ୍ତ ଦୂରୀଭୂତ ହୋଇ ପାରିବ ନାହିଁ ଯେପର୍ଯ୍ୟନ୍ତ ମନୁଷ୍ୟ ବିପତ୍ତି ସମୟରେ ଅବିଚଳତା ପ୍ରଦର୍ଶନ କରି ନାହିଁ । ଅତଏବ ବିପତ୍ତି ସମୟରେ ଅବିଚଳତା ପ୍ରଦର୍ଶନ କରୁଥିବା ବ୍ୟକ୍ତିମାନଙ୍କର ସଂଖ୍ୟା ଖୁବ ସ୍ୱଳ୍ପ ଅଟେ । ହ. ଇସା (ଯୀଶୁ ଖ୍ରୀଷ୍ଟ)ଙ୍କ ସହଚରଗଣ ବିପତ୍ତି ସମୟରେ କିପରି ତାଙ୍କୁ ଏକୁଟିଆ ଛାଡ଼ି ପଳାୟନ କଲେ ଏବଂ ଆଉ କେତେକ ସହଚର ଅନୁଗାମୀମାନେ ଯୀଶୁ ଖ୍ରୀଷ୍ଟଙ୍କ ସମ୍ମୁଖରେ ହିଁ ତାଙ୍କୁ ଅଭିଶାପ ଦେଲେ ।"

ହ. ଅବୁ ବକରର.ଅଙ୍କ ସତ୍ୟନିଷ୍ଠତା, ବିଶ୍ୱସ୍ତତା ସେହି ଅପୂର୍ବ ଦୃଷ୍ଟାନ୍ତ ପ୍ରଦର୍ଶନ କଲେ ଯାହା ଚିରକାଳ ପର୍ଯ୍ୟନ୍ତ ଓ ଯୁଗେଯେଗେ ଦୃଷ୍ଟାନ୍ତ ହୋଇ ରହିବ । ସେହି ବିପତ୍ତି ସମୟରେ ଆଁହଜରତସ.ଅଙ୍କର ଏହି ଚୟନ ହିଁ ହ. ଅବୁ ବକରର.ଅଙ୍କ ସତ୍ୟତା ଓ ସର୍ବୋଚ୍ଚ ବିଶ୍ୱସ୍ତତାର ଏକ ବଳିଷ୍ଠ ପ୍ରମାଣ ଅଟେ । ଦେଖ ! ଭାରତର ଭାଇସ୍ ରଏ ଯଦି କୌଣସି ବ୍ୟକ୍ତିକୁ ବିଶେଷ କାର୍ଯ୍ୟ ସକାଶେ ମନୋନୀତ କରିନିଏ ତେବେ ତା'ର ରାଏ ସଠିକ୍ ଓ ଉତ୍କୃଷ୍ଟ ବୋଲି ବିବେଚିତ ହେବ ନା ସାଧାରଣ ଚୌକିଦାରର ରାଏ ଉତ୍କୃଷ୍ଟ ବିବେଚିତ ହେବ ? ସୁତରାଂ ନିର୍ଦ୍ୱନ୍ଦ୍ୱରେ ଏହା ସ୍ୱୀକାର କରିବାକୁ ପଡ଼ିବ ଯେ, ଭାଇସରଏର ଚୟନ ପ୍ରତ୍ୟେକ ପରିସ୍ଥିତିରେ ଉଚିତ ଓ ସଠିକ୍ ସାବ୍ୟସ୍ତ ହେବ । କାରଣ ଯେଉଁ ପରିସ୍ଥିତିରେ ସେ ସରକାରଙ୍କ ପକ୍ଷରୁ ଉପରାଷ୍ଟ୍ରପତ୍ତି ଭାବରେ ନିଯୁକ୍ତ ହୋଇଛି ଓ ତା'ର ବିଶ୍ୱସ୍ତତା, ଜ୍ଞାନ ତଥା ବିଚକ୍ଷଣତା ଏବଂ ବଳିଷ୍ଠ କାର୍ଯ୍ୟ ସମ୍ପାଦନ ହେତୁ ସରକାର ତା' ଉପରେ ଭରସା କରିଛନ୍ତି । ତେବେ ଯାଇ ସରକାରୀ ଦାୟିତ୍ୱ ବା ଲଗାମ ତା' ହସ୍ତରେ ଅର୍ପଣ କରାଯାଇଛି । ପୁନଶ୍ଚ ତା'ର ସଠିକ୍ ଯୋଜନା, ଉଚିତ ପଦକ୍ଷେପ ଗ୍ରହଣ କରିବା ତଥା ପ୍ରସଙ୍ଗକୁ ବୁଝିବା ଦକ୍ଷତାକୁ ପଛରେ ପକାଇ ଦେଇ ଏକ ସାଧାରଣ ଚୌକିଦାରକୁ ମନୋନୀତ କରିବାର ରାଏକୁ ସଠିକ୍ ଭାବିନେବା ଉଚିତ ପ୍ରସଙ୍ଗ ଅଟେ କି ?

ଆଁହଜରତସ.ଅଙ୍କର ପ୍ରାର୍ଥୀ ମନୋନୀତ କରିବାର ଏହା ହିଁ ପ୍ରକ୍ରିୟା ରହିଥିଲା ।

ସେତେବେଳେ ଆପଣ[ସ.ଅ]ଙ୍କ ସମୟରେ 70-80 ଜଣ ସହାବାମାନେ ଉପସ୍ଥିତ ଥିଲେ । ଯହିଁରେ ହ. ଅଲୀ[ର.ଅ] ମଧ୍ୟ ଥିଲେ । କିନ୍ତୁ ସେହି ସମସ୍ତଙ୍କ ମଧ୍ୟରୁ ଆପଣ[ସ.ଅ] ନିଜର ସାହଚର୍ଯ୍ୟତ୍ୱ ନିମନ୍ତେ ହ. ଅବୁ ବକର[ର.ଅ]ଙ୍କୁ ହିଁ ମୋନନୀତ କଲେ । ତହିଁରେ କ'ଣ ରହସ୍ୟ ରହିଥିଲା ? ପ୍ରକୃତ କଥା ଏହିକି ଯେ, ନବୀ ଈଶ୍ୱରଙ୍କ ଚକ୍ଷୁରୁ ଦେଖିଥାଏ ଓ ତାହାର ବୋଧିତ୍ୱ, ବୁଦ୍ଧିମତା, ବିଚକ୍ଷଣତା ଅଲ୍ଲାଃତାଲାଙ୍କ ପକ୍ଷରୁ ହିଁ ପ୍ରାପ୍ତ ହୋଇଥାଏ । ଏଣୁ ଅଲ୍ଲାଃତାଲା ହିଁ ଆଁହଜରତ[ସ.ଅ]ଙ୍କୁ କଶଫ୍ (ତନ୍ଦ୍ରାବସ୍ଥା) ଓ ଐଶୀବାଣୀ ମାଧ୍ୟମରେ କହିଦେଲେ ଯେ, ଉକ୍ତ କାର୍ଯ୍ୟ ସକାଶେ ସର୍ବୋତ୍କୃଷ୍ଟ ଓ ଯଥୋଚିତ ବ୍ୟକ୍ତି ସତ୍ୟବାଦୀ ହ. ଅବୁ ବକର ର.ଅ ହିଁ ଅଟନ୍ତି ।

ହ. ଅବୁ ବକର[ର.ଅ] ଆଁହଜରତ[ସ.ଅ]ଙ୍କର ନିର୍ଧନ୍ୟତା ସମୟରେ ମଧ୍ୟ ଆପଣ ସ.ଅଙ୍କ ସାଥିରେ ଥିଲେ । ଏହି ସମୟଟି ଅତ୍ୟନ୍ତ ଭୟାବହ ଓ ଉତ୍କଟ ପରିସ୍ଥିତ ତଥା ପରୀକ୍ଷାର ସମୟ ଥିଲା । ହ. ମସିହ୍ ମଉଦ୍[ଅ.ସ] କୁହନ୍ତି: "ହ. ଅବୁ ବକର[ର.ଅ] ଆପଣ[ସ.ଅ]ଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ ଓ ଏକ ଗୁମ୍ଫା ଯାହାକୁ ଗାରେ ସୋର୍ ମଧ୍ୟ କୁହନ୍ତି ତହିଁରେ ଆପଣ[ସ.ଅ] ଓ ହ. ଅବୁ ବକର[ର.ଅ] ଯାଇ ଆତ୍ମ ଗୋପନ (ଅର୍ଥାତ ଲୁଚି ଯାଇଥିଲେ) କରିଥିଲେ । ମନ୍ଦ ଅବିଶ୍ୱାସକାରୀମାନେ ଯିଏ ଆପଣ[ସ.ଅ] ଙ୍କୁ କଷ୍ଟ ଦେବା ପାଇଁ ଯୋଜନା ପ୍ରସ୍ତୁତ କରି ସାରିଥିଲେ, ସେମାନେ ସନ୍ଧାନ କରୁ କରୁ ସେହି ଗୁମ୍ଫାର ମୁହାଣ ପର୍ଯ୍ୟନ୍ତ ପହଞ୍ଚିଗଲେ । ହ. ଅବୁ ବକର[ର.ଅ] କହିଲେ, ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଏହି ଶତ୍ରୁମାନେ ତ' ପୂରା ଗୁମ୍ଫା ମୁହଁ ଉପରେ ହିଁ ଆସି ପହଞ୍ଚନ୍ତି ଓ ଯଦି କେହି ବି ତଳକୁ ଦୃଷ୍ଟି ପକାଇଲା ତେବେ ଦେଖିନେବ ଓ ଆମେମାନେ ଧରା ପଡ଼ିଯିବୁ । ସେତେବେଳେ ଆପଣ[ସ.ଅ] କହିଲେ, **ଲା ତହ୍‌ଜନ୍ ଇନ୍ନଲ୍ଲାଃହା ମାଆନା** (ଅତତୌବା:40) ***ଅର୍ଥାତ ଅତୀତର କୌଣସି ତ୍ରୁଟି ପାଇଁ ତୁମେ ଦୁଖ କର ନାହିଁ । ଅଲ୍ଲାଃତାଲା ନିଶ୍ଚୟ ଆମମାନଙ୍କ ସାଥିରେ ଅଛନ୍ତି***" ଉକ୍ତ ବାକ୍ୟରେ ଥିବା ଶବ୍ଦ ଉପରେ ଯଦି ଚିନ୍ତା କର ତେବେ ଜାଣିବ ଯେ, ଆଁହଜରତ[ସ.ଅ] ହ. ଅବୁ ବକର[ର.ଅ]ଙ୍କୁ ନିଜ ସାଥିରେ ମିଶାଉଛନ୍ତି । **ଇନ୍ନଲ୍ଲାଃହା ମାଆନା।** ତହିଁରେ ଆପଣ[ସ.ଅ] ଓ ଆପଣ[ର.ଅ] (ଅର୍ଥାତ ଆଁହଜରତ[ସ.ଅ] ଓ ହ. ଅବୁ ବକର[ର.ଅ]) ଉଭୟେ ସାମିଲ ଅଟନ୍ତି । ଅର୍ଥାତ ଅଲ୍ଲାଃତାଲା ତୁମ ସହିତ ଓ ମୋ ସହିତ ଅଛନ୍ତି । ଅଲ୍ଲାଃତାଲା ନିକଟିର ଗୋଟିଏ ପାର୍ଶ୍ୱରେ ଆଁହଜରତ[ସ.ଅ]ଙ୍କୁ ରଖିଲେ ଓ ଅନ୍ୟ ପାର୍ଶ୍ୟର ହ. ଅବୁ ବକର[ର.ଅ]ଙ୍କୁ ରଖିଲେ ।"

ନିକିତିର ଦୁଇଟି ପାର୍ଶ୍ୱ ଥାଏ ଗୋଟିଏ ପାର୍ଶ୍ୱରେ ଆଁହଜରତ[ସ.ଅ]ଙ୍କୁ ରଖିଲେ ଓ ଅନ୍ୟ ପାର୍ଶ୍ୱରେ ସତ୍ୟବାଦୀ ହ. ଅବୁ ବକର[ର.ଅ]ଙ୍କୁ ରଖିଲେ । ସେହି ସମୟରେ ଉଭୟେ ପରୀକ୍ଷା ସ୍ଥାନରେ ଦଣ୍ଡାୟମାନ ଯେଉଁଠି ଇସଲାମ୍ ଧର୍ମର ମୁଳଦୂଆ ପଡ଼ିବାକୁ ଯାଉଛି ଅବା ଶେଷ ହେବାକୁ ଯାଉଛି । ଶତ୍ରୁମାନେ ଗୁମ୍ଫାର ମୁହାଣ ଉପରେ ଆସି ଛିଡ଼ା ହୋଇଛନ୍ତି ଏବଂ ବିଭିନ୍ନ ପ୍ରକାରର ପରାମର୍ଶ ଆଦି ହେଉଛି। କେତେକ ଲୋକେ କୁହନ୍ତି ଯେ, ଉକ୍ତ ଗୁମ୍ଫାର ତଲାଶି (ସନ୍ଧାନ) କର । କାରଣ ପାଦ ଚିହ୍ନ ଏହି ଗୁମ୍ଫା ପର୍ଯ୍ୟନ୍ତ ଆସି ସମାପ୍ତ ହୋଇଯାଇଛି । କିନ୍ତୁ ସେମାନଙ୍କ ମଧ୍ୟରୁ କେତେକ ଶତ୍ରୁ ଏଠାରେ ମନୁଷ୍ୟର ଜୀବନ ଯାପନ ଓ ହସ୍ତକ୍ଷେପ କିପରି ସମ୍ଭବପର ବୋଲି ଯୁକ୍ତି ବାଢିଲେ ? ବୁଢିଆଣୀ ଜାଲ ବୁଣି ଦେଇଛି, ପାରା ଅଣ୍ଡା ଦେଇଛନ୍ତି । ଏହି ପ୍ରକାରର କଥାବାର୍ତ୍ତାର ସ୍ୱର ଗୁମ୍ଫା ଭିତରକୁ ଆସୁଛି । ଆପଣ[ସ.ଅ] ଓ ହ. ଅବୁ ବକର[ର.ଅ] ଉକ୍ତ ସ୍ୱରକୁ ସ୍ପଷ୍ଟ ଭାବେରେ ଶୁଣି ପାରୁଛନ୍ତି। ଏହିଭଳି ପରିସ୍ଥିତିରେ ଶତ୍ରୁମାନେ ଆସିଛନ୍ତି ଓ ସେମାନେ ଆଁହଜରତ[ସ.ଅ]ଙ୍କର ନାଉଜୁ ବିଲ୍ଲାଃ କାମ ତମାମ କରିବାକୁ ଚାହୁଁଛନ୍ତି । ସେହି ଶତ୍ରୁମାନେ ପାଗଳଙ୍କ ପରି ଦଉଡ଼ି ଆସିଛନ୍ତି ଆଁହଜରତ[ସ.ଅ]ଙ୍କୁ ଧରିବା ନିମନ୍ତେ । କିନ୍ତୁ ଆପଣ[ସ.ଅ]ଙ୍କ ସାହସିକତାକୁ ଦେଖ ! ଶତ୍ରୁମାନେ ମୁଣ୍ଡ ଉପରେ ଛିଡ଼ା ହୋଇଛନ୍ତି ଆପଣ[ସ.ଅ] ନିଜେର ବନ୍ଧୁ ହ. ଅହବୁ ବକର[ର.ଅ]ଙ୍କୁ କହୁଛନ୍ତି **ଲା ତହ୍‌ଜନ୍ ଇନ୍ନଲ୍ଲାଃହା ମାଆନା** । ଉକ୍ତ ସାର୍ଥକ ଶବ୍ଦ ଏହା ବ୍ୟକ୍ତ କରୁଛି ଯେ, ଆପଣ[ସ.ଅ] ନିଜ ତୁଣ୍ଡରୁ ହିଁ କହିଲେ କାରଣ ହ. ଅବୁ ବକର[ର.ଅ] ଆଁହଜରତ[ସ.ଅ]ଙ୍କ ତୁଣ୍ଡରୁ ସ୍ୱର (କଥା) ବା ଉତ୍ତରର ଅପେକ୍ଷା କରୁଛନ୍ତି । ତେଣୁ ଇଙ୍ଗିତ ଦ୍ୱାରା କାମ ଚଳିବ ନାହିଁ । ବାହାରେ ଶତ୍ରୁମାନେ ପରାମର୍ଶ କରୁଛନ୍ତି ଏବଂ ଭିତରେ ଗୁମ୍ଫା ମଧ୍ୟରେ ମାଲିକ ଓ ସେବକ ମଧ୍ୟ କଥାବାର୍ତ୍ତାରେ ବ୍ୟସ୍ତ । ଆଁହଜରତ[ସ.ଅ] ଓ ଅବୁ ବକର[ର.ଅ] ଏକଥା ପ୍ରତି ଭ୍ରୂକ୍ଷେପ କଲେ ନାହିଁ ଯେ, ଶତ୍ରୁମାନେ ସେମାନଙ୍କର ସ୍ୱର ଶୁଣିନେବେ । ବରଂ ଏହା ଅଲ୍ଲାଃତାଲାଙ୍କ ଉପରେ ଥିବା ପୂର୍ଣ୍ଣ ବିଶ୍ୱାସ ଓ ମାଆରିଫତ୍ (ପରିଚୟ)ର ଜ୍ୱଳନ୍ତ ପ୍ରମାଣ ଅଟେ । ଅଲ୍ଲାଃତାଲାଙ୍କ ଦ୍ୱାରା ଦିଆଯାଇଥିବା ପ୍ରତିଶୃତି ଉପରେ ପୂର୍ଣ୍ଣ ବିଶ୍ୱାସ ରହିଛି । ଆଁହଜରତ[ସ.ଅ]ଙ୍କର ସାହାସିକତା ନିମନ୍ତେ ତ' ଉପରୋକ୍ତ ଉଦାହରଣ ଯଥେଷ୍ଟ ଅଟେ । କିନ୍ତୁ ହ. ଅବୁ ବକର[ର.ଅ]ଙ୍କ ସାହାସିକତା ନିମନ୍ତେ ଉକ୍ତ ଘଟଣା ବ୍ୟତୀତ ଅନ୍ୟ ଏକ ସାକ୍ଷ୍ୟ ମଧ୍ୟ ରହିଛି । ତାହା ଏହିପରି ଯେ, "ଯେତେବେଳେ ଆଁହଜରତ[ସ.ଅ]ଙ୍କର ଅକାଳ ବିୟୋଗ ହେଲା ସେତେବେଳେ ହ. ଉମର୍[ର.ଅ] ଖଡ଼ଗ ଉତ୍ତୋଳନ କରି ଘରୁ ବାହାରିଲେ ଯେ, ଯଦି କୌଣସି ବ୍ୟକ୍ତି ଏକଥା କହିବ ଯେ, ଆଁହଜରତ[ସ.ଅ] ମୃତ୍ୟୁ ବରଣ କରିଛନ୍ତି ତେବେ ମୁଁ ତା'ର ବଧ କରିଦେବି । ଏହିଭଳି ପରିସ୍ଥିତିରେ ସତ୍ୟବାଦୀ ହ. ଅବୁ ବକର[ର.ଅ] ଅତ୍ୟନ୍ତ ସାହାସିକତାର ସହିତ କଥା କହିଲେ, ଛିଡ଼ା ହୋଇ ଖୁତ୍‌ବା (ଉଦ୍‌ବୋଧନ) ଦେଲେ, **ୱମା ମୁହମ୍ମଦୁନ୍ ଇଲ୍ଲା ରସୁଲ୍ କଦ୍ ଖଲତ୍ ମିନ୍ କବଲିହିର୍ ରୁସୁଲ୍ (ଆଲେ ଇମ୍ରାନ୍:145)** *ଅର୍ଥାତ ମୁହମ୍ମଦ[ସ.ଅ] କେବଳ ଜଣେ ରସୁଲ୍ (ବାର୍ତ୍ତାବହ) ଅଟନ୍ତି । ତାହାଙ୍କ ପୂର୍ବରୁ ସମସ୍ତ ରସୁଲମାନେ ମୃତ୍ୟୁବରଣ କରିଛନ୍ତି ।* ଏହାପରେ ହ. ଉମର[ର.ଅ] କ୍ରୋଧାତ୍ମକ ଉତ୍ସାହ ପ୍ରଶମିତ ହୋଇଥିଲା । ଏତଦ୍‌ପରେ ଆରବର ପୁରପଲ୍ଲୀର ସମସ୍ତ ଜନତା ବିଧର୍ମୀ ପାଲଟି ଗଲେ । ଏହିଭଳି ଘଡ଼ିସନ୍ଧି ମୁହୂର୍ତ୍ତ ସଂପର୍କରେ ସତ୍ୟବାଦୀନୀ ହ. ଆଏଶା[ର.ଅ] ଏହିପରି ପ୍ରକାଶ କରିଛନ୍ତି ଯେ, ଈଶ୍ୱରଙ୍କ ବାର୍ତ୍ତାବହଙ୍କ ଦେହାନ୍ତ ହୋଇଯାଇଛି ଏବଂ କେତେକ ମିଥ୍ୟାବାଦୀ ଅବତାରମାନେ ସୃଷ୍ଟି ହୋଇଯାଇଛନ୍ତି ଏବଂ ଆଉ କେତେକ ଲୋକମାନେ ନମାଜ ପାଠ କରିବା ପରିତ୍ୟାଗ କରିଦେଇଛନ୍ତି ଏବଂ ନିଜର ଆଚାର ବ୍ୟବହାର ଓ ଢଙ୍ଗଢାଙ୍ଗ ପରିବର୍ତ୍ତନ ଆଣିଛନ୍ତି । ଏହିଭଳି ଉତ୍କଟ ତଥା ବିପତ୍ତିମୂଳକ ପରିସ୍ଥିତିରେ ମୋର ପିତାଶ୍ରୀ ଆଁହଜରତ[ସ.ଅ]ଙ୍କର ଖଲିଫା ଏବଂ ଉତ୍ତରାଧିକାରୀ ହୋଇଥିଲେ । ମୋ ପିତାଶ୍ରୀ ଉପରେ ଏଭଳି ଦୁଃଖ ଆସିଲା ଯେ, ଯଦି ସେହି ବିପତ୍ତି ପର୍ବତ ଉପରେ ଅବତୀର୍ଣ୍ଣ ହୋଇଥାଆନ୍ତା ତେବେ ତାହା ଖଣ୍ଡ ବିଖଣ୍ଡିତ ହୋଇଯାଇ ଥାଆନ୍ତା । ବର୍ତ୍ତମାନ ତୁମେମାନେ ଭାବ ଯେ, ଜଣେ ବ୍ୟକ୍ତି ଉପରେ ଦୁଃଖର ପର୍ବତ ଭାଙ୍ଗି ପଡ଼ିଛି ଏବଂ ଏହପରେ ମଧ୍ୟ ସେ ଧୈର୍ଯ୍ୟ ହରା ହେଲା ନାହଁ । ତେଣୁ ଏହା କୌଣସି ସାଧାରଣ ବ୍ୟକ୍ତିର କାର୍ଯ୍ୟ କି ସାଧାରଣ ବ୍ୟକ୍ତି ପକ୍ଷେ ଏହା କଦାପି ସମ୍ଭବପର ନୁହେଁ । ବରଂ ଏହିଭଳି ଧୈର୍ଯ୍ୟଶୀଳତା, ଅବଚିଳତା ସର୍ବଦା ସତ୍ୟତାକୁ ହିଁ ଆଶା କରିଥାଏ । ତେଣୁ ଧୈର୍ଯ୍ୟଶୀଳତା, ଅବିଚଳତା ଏବଂ ସତ୍ୟତା ବ୍ୟତୀରେକ ଏହି ବିପତ୍ତିର ମୁକାବିଲା କରିବା ଅସମ୍ଭବ ଅଟେ । ସମସ୍ତ ସାହାବାମାନେ ସେତେବେଳେ ଉପସ୍ଥିତି ଥିଲେ । କୌଣସି ବ୍ୟକ୍ତି (ସାହାବା) ଏହା କହିଲେ ନାହିଁ ଯେ, ଏହା ମୋର ଅଧିକାର ଅଟେ । ସେମାନେ ଦେଖୁଥିଲେ ଯେ, ନିଆଁ ଲାଗି ସାରିଥିଲା ଏବଂ ସେହି ଅଗ୍ନୀରେ କିଏ ପଡ଼ିବ ? ହ. ଉମର୍[ର.ଅ] ଏହି ଅବସ୍ଥାରେ ହସ୍ତ ପ୍ରସାରିତ କରି ଆପଣ[ସ.ଅ]ଙ୍କ ହସ୍ତ ଉପରେ ବୈଅତ୍ କଲେ ଏବଂ ପୁନଶ୍ଚ ଏହାପରେ ଗୋଟିଏ ପରେ ଗୋଟିଏ ସମସ୍ତେ ତାହାଙ୍କ (ହ. ଅବୁ ବକର[ର.ଅ]ଙ୍କ) ହସ୍ତରେ ବୈଅତ୍ କରିନେଲେ । ଏହା ସେମାନଙ୍କର ସତ୍ୟତା ଏବଂ ନିଷ୍ଠା ଥିଲା ଯେ, ଉକ୍ତ ଉପଦ୍ରବକୁ ସେ ଦୂରୀଭୂତ କଲେ ଏବଂ ସେହି ହିଂସ୍ର ଓ କ୍ଷତିକାରକ ବ୍ୟକ୍ତିଙ୍କର ସଂହାର କଲେ । ମୁସୈଲ୍‌ମା ସହିତ ଏକ ଲକ୍ଷ ଲୋକେ ଥିଲେ ଏବଂ ତା'ର ଯେଉଁ ସମସ୍ୟା ଥିଲା ତାହା ଅତ୍ୟନ୍ତ ଅସମ୍ବିଧାନିକ ତଥା ଅନୈତିକମୂଳକ ସମସ୍ୟା ଥିଲା । ଲୋକମନେ ତା'ର ଅନୌଚିତ୍ୟମୂଳକ କଥାକୁ ଦେଖି ତା' ଧର୍ମରେ ସାମିଲ୍ ହୋଇ ଯାଉଥିଲେ । କିନ୍ତୁ ଅଲ୍ଲାଃତାଲା ନିଜ ସମର୍ଥନର ପ୍ରମାଣ ଦେଇ ସମସ୍ତ ସମସ୍ୟାକୁ ସରଳ କରିଦେଲେ ।

**(ମଲ୍‌ଫୁଜାତ, ଭାଗ-1, ପୃ-347-379, ସଂସ୍କରଣ ବର୍ଷ-1984 ମସିହା)**

ଆପଣ[ଅ.ସ] ପୁନଶ୍ଚ ଅନ୍ୟ ଏକ ସ୍ଥାନରେ କୁହନ୍ତି, ଯେପର୍ଯ୍ୟନ୍ତ କୌଣସି ବ୍ୟକ୍ତି ହ. ଅବୁ ବକର, ଉମର୍, ଉସ୍‌ମାନ୍ ଏବଂ ଅଲୀ[ର.ଅ]ଙ୍କ ପରି ବିଶ୍ୱାସକାରୀ ବ୍ୟକ୍ତିରେ ରୂପାନ୍ତରିତ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ସେ ବିଶ୍ୱାସକାରୀ ଏବଂ ମୁସଲମାନ ହୋଇପାରିବ ନାହିଁ । ଏହି ସମସ୍ତ ବ୍ୟକ୍ତିମାନେ ସାଂସାରିକ ମୋହମାୟା ପ୍ରତି ଆସକ୍ତ ନଥିଲେ । ବରଂ ସେମାନେ ନିଜ ଜୀବନକୁ ଅଲ୍ଲାଃତାଲାଙ୍କ ସକାଶେ ଉତ୍ସର୍ଗ କରି ଦେଇଥିଲେ ।

**(ଲେକ୍‌ଚର୍ ଲୁଧିୟାନା, ରୁହାନୀ ଖଜାଏନ୍ ଭାଗ-20, ପୃ-294)**

ଆପଣ ଅ.ସ ପୁନଶ୍ଚ କୁହନ୍ତି, ମୁଁ ଈଶ୍ୱରଙ୍କ ରାଣ ଖାଇ କହୁଛି ! ସତ୍ୟବାଦ ଖଲିଫା ହ. ଅବୁ ବକର ସିଦ୍ଧିକ୍ ହେଉଛନ୍ତି ସେହି ବ୍ୟକ୍ତି ଓ ସେହି ଅନନ୍ୟ ବୀର ପୁରୁଷ ଯାହାଙ୍କୁ

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

**"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idrish Khan,
Jamat Ahmadiya Kerang (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

**"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ "** ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family,
Jamat Ahmadiya Kerang (Odisha)

ଅଲ୍ଲାଃତାଲାଙ୍କ ଦ୍ୱାରା ଅନେକ ଐଶ୍ୱରିକ ଆଧାତ୍ମିକ ବସ୍ତ୍ର ଦ୍ୱାରା ଆଭୂଷିତ କରାଯାଇଥିଲା ବା ଅନେକ ବସ୍ତ୍ର ପ୍ରଦାନ କରାଯାଇଥିଲା ଏବଂ ଅନେକ ପ୍ରକାରର ବିଶେଷତା ମଧ୍ୟ ପ୍ରଦାନ କରାଗଲା । ଅତଏବ ଅଲ୍ଲାଃତାଲା ମଧ୍ୟ ତାଙ୍କ ସପକ୍ଷରେ ଏହି ସାକ୍ଷ୍ୟ ପ୍ରଦାନ କଲେ ଯେ, ଏମାନେ ହେଉଛନ୍ତି ସେହି ବିଶେଷ ମନୋନୀତ ବ୍ୟକ୍ତି ଯେଉଁମାନେ ନିଜର ଅସ୍ତିତ୍ୱର ସାହଚର୍ଯ୍ୟତାକୁ ଆପଣ (ଆଁହଜରତ[ସ.ଅ]ଙ୍କ) ଆଡ଼କୁ ଇଙ୍ଗିତ କରାଇଲେ, ତାହାଙ୍କ ପ୍ରଶଂସା ଗାନ କଲେ, ତାହାଙ୍କର ମହତ୍ୱକୁ ଉପଲବ୍ଧି କଲେ ଏବଂ ଇଙ୍ଗିତ କରି କହିଲେ, ଆପଣ ଏଭଳି ବ୍ୟକ୍ତି ଅଟନ୍ତି ଯେକି ଆଁହଜରତ[ସ.ଅ]ଙ୍କ ବିରହତାକୁ କଦାପି ମୁହୂର୍ତ୍ତକ ପାଇଁ ମଧ୍ୟ ସହ୍ୟ କରିପାରନ୍ତି ନାହିଁ । ଆଁହଜରତ[ସ.ଅ] ଙ୍କ ବ୍ୟତୀତ ଅନ୍ୟ ଅତ୍ମୀୟ ସ୍ୱଜନଙ୍କର ବିରହତାକୁ ସେ ସାଦରେ ଗ୍ରହଣ କରିନେଲେ। ସେ ନିଜର ମୁନିବ ହ. ମୁହମ୍ମଦ[ସ.ଅ]ଙ୍କୁ ପ୍ରାଧାନ୍ୟ ଦେଲେ ଏବଂ ତାହାଙ୍କ ଆଡ଼କୁ ଦୌଡ଼ି ଚାଲି ଆସିଲେ । ପୁନଶ୍ଚ ପୂର୍ଣ୍ଣ ପ୍ରେମ ଓ ଅନ୍ତରିକତାର ସହିତ ନିଜକୁ ମୃତ୍ୟୁ ମୁଖରେ ପକାଇଦେଲେ ଏବଂ ପ୍ରତ୍ୟେକ ପ୍ରକାରର ଆତ୍ମିକ ସ୍ୱାର୍ଥ ଓ ଅଭିଳାଷାକୁ ନିଜ ମାର୍ଗରୁ ହଟାଇଦେଲେ। ରସୁଲୁଲ୍ଲାଃ[ସ.ଅ] ଆପଣ[ର.ଅ]ଙ୍କୁ (ହ. ଅବୁ ବକରଙ୍କୁ) ବନ୍ଧୁତ୍ୱ ନିମନ୍ତେ ଡାକିଲେ ଏବଂ ମୈତ୍ରିକ ସଂପର୍କ ସ୍ଥାପନ ନିମନ୍ତେ ଆପଣ ସମ୍ମତି ପ୍ରଦାନ କଲେ ଏବଂ ଯେତେବେଳେ କୁରେଶୀୟ ସଂପ୍ରଦାୟର ଲୋକମାନେ ଆଁହଜରତ[ସ.ଅ]ଙ୍କୁ ବିତାଡ଼ିତ କରିବା ପାଇଁ ଇଚ୍ଛା ପ୍ରକାଶ କଲେ ସେତେବେଳେ ମହାନ୍ ଅଶେଷ ଦୟାବାନ ଏବଂ ସଦା କୃପାମୟ ପ୍ରଭୁ ଓ ଅଲ୍ଲାଃତାଲାଙ୍କ ପ୍ରିୟତମ ନବୀ ହ. ମୁହମ୍ମଦ[ସ.ଅ] ଆପଣ[ର.ଅ]ଙ୍କ ନିକଟକୁ ଆସିଲେ ଏବଂ କହିଲେ ଅଲ୍ଲାଃତାଲା ମୋତେ ପ୍ରବାସ ନିମନ୍ତେ ଅନୁମତି ପ୍ରଦାନ କରିଛନ୍ତି ଏବଂ ତୁମେ ମୋ ସହିତ ପ୍ରବାସ କରିବ, ଆମେମାନେ ଏକାଠି ଉକ୍ତ ବସ୍ତିରୁ ପ୍ରସ୍ଥାନ କରିବୁ। ପ୍ରତ୍ୟୁତ୍ତରରେ ସତ୍ୟବାଦୀ ଖଲିଫା ହ. ଅବୁ ବକର[ର.ଅ] **ଅଲ୍‌ହମ୍ଦୁ ଲିଲ୍ଲାଃ** ପଢିଲେ ଏବଂ ଅଲ୍ଲାଃତାଲାଙ୍କ ମହିମା ଗାନ କରି କହିଲେ, ଏଭଳି ଦୁଃଖ ଏବଂ ସଂକଟରେ ଅଲ୍ଲାଃତାଲା ଆପଣ[ର.ଅ]ଙ୍କୁ ହ. ମୁହମ୍ମଦ[ସ.ଅ]ଙ୍କର ବନ୍ଧୁ ହେବା ପାଇଁ ସୌଭାଗ୍ୟ ପ୍ରଦାନ କଲେ । ସେ ପ୍ରାରମ୍ଭରୁ ହିଁ ଅତ୍ୟାଚାରିତ ଏବଂ ନିଷ୍କେଷିତ ନବୀ[ସ.ଅ]ଙ୍କୁ ସାହାଯ୍ୟ କରିବା ନିମନ୍ତେ ଅପେକ୍ଷାରତ ଥିଲେ । ଏପର୍ଯ୍ୟନ୍ତକି ଯେତେବେଳେ ଏଭଳି ପରିସ୍ଥିତି ଉପୁଜିଲା ସେତେବେଳେ ଆପଣ ର.ଅ ପୂର୍ଣ୍ଣ ସଚେତନ ନହୋଇ ଏବଂ ଅପରିଣାମ ଦର୍ଶୀ ହୋଇ ଦୁଃଖ ଦୁର୍ଦ୍ଦଶା ପରିସ୍ଥିତିରେ ଆଁହଜରତ[ସ.ଅ]ଙ୍କୁ ସମର୍ଥନ ଜଣାଇଲେ ଏବଂ ହତ୍ୟାକାରୀଙ୍କ ହତ୍ୟା ଷଡ଼ଯନ୍ତ୍ର ଠାରୁ ତିଳେ ମାତ୍ର ଭୟଭୀତ ହେଲେ ନାହିଁ କି ଏହାକୁ ଭ୍ରୁକ୍ଷେପ କଲେ ନାହିଁ ।

**(ସିରରୁଲ୍ ଖିଲାଫାର ଅନୁବାଦ, ପୃ-63-66)**

ସୁତରାଂ ଆପଣ[ର.ଅ]ଙ୍କ ମାହାତ୍ମ୍ୟତା ଧର୍ମବିଧାନ ଅନୁଯାୟୀ ପ୍ରମାଣିତ ଅଟେ । ଆପଣ[ର.ଅ]ଙ୍କ ମହାନତା ଓ ସୌଜନ୍ୟତା ସ୍ପଷ୍ଟ ପ୍ରମାଣ ଦ୍ୱାରା ପ୍ରମାଣିତ, ଆପଣ[ର.ଅ]ଙ୍କ ସତ୍ୟତା ଦିବାଲୋକ ପରି ପ୍ରକାଶବାନ ଅଟେ । ଆପଣ[ର.ଅ] ପ୍ରଳୟ ଦିବସର ଅନୁକମ୍ପାକୁ ପସନ୍ଦ କଲେ ଏବଂ ସାଂସାରିକ ଅନୁକମ୍ପାକୁ ଏବଂ ସାଂସାରିକ ମୋହମାୟାକୁ ପରିତ୍ୟାଗ କରିଦେଲ । ଅନ୍ୟମାନଙ୍କ ମଧ୍ୟର କେହି ବି ତାହାଙ୍କ ଶ୍ରେଷ୍ଠତ୍ୱ ମର୍ଯ୍ୟାଦା ଓ ସ୍ତର ପର୍ଯ୍ୟନ୍ତ ପହଞ୍ଚ ରଖନ୍ତି ନାହିଁ ଏବଂ ପହଞ୍ଚି ମଧ୍ୟ ପାରିବେ ନାହିଁ ।

ଆପଣ[ଅ.ସ] କୁହନ୍ତି ଯେ, ଯଦି ତୁମେମାନେ ଏହା ପଚାର ଯେ, ଅଲ୍ଲାଃତାଲା ଖିଲାଫତ୍ ପରମ୍ପରାର ପ୍ରାରମ୍ଭ ନିମନ୍ତେ ଆପଣ[ର.ଅ] (ହ. ଅବୁ ବକର[ର.ଅ]ଙ୍କୁ) କାହିଁକି ସର୍ବାଗ୍ରେ ରଖିଲେ ଏବଂ ତହିଁରେ ସେହି ଅଶେଷ ଦୟାବାନ ପ୍ରଭୁଙ୍କ କ'ଣ ରହସ୍ୟ ରହିଥିଲା ? ତେବେ ଜ୍ଞାତ ରହୁ କି ଅଲ୍ଲାଃତାଲା ଦେଖିଲେ ଯେ, ସିଦ୍ଦିକେ ଅକବର (ମହାନ ସତ୍ୟବାଦୀ ଖଲିଫା ହ. ଅବୁ ବକର[ର.ଅ])ଜଣେ ଅବିଶ୍ୱାସକାରୀ ଜାତି ମଧ୍ୟରୁ ନିଜର ପୂର୍ଣ୍ଣ ସଦ୍‌ହୃଦୟ ଯୋଗୁଁ ରସୁଲୁଲ୍ଲାଃ[ସ.ଅ]ଙ୍କ ଉପରେ ବିଶ୍ୱାସ ଆଣିଥିଲେ ଏବଂ ସେ ପୁଣି ଏଭଳି ପରିସ୍ଥିତିରେ ବିଶ୍ୱାସ ଆଣିଲେ ଯେତେବେଳେ ନବୀ କରୀମ୍[ସ.ଅ] ଏକୁଟିଆ ଥିଲେ ଏବଂ ଉପଦ୍ରବ ଚରମ ସୀମାରେ ଥିଲା । ସୁତରାଂ ସତ୍ୟବାଦୀ ଖଲିଫା ହ. ଅବୁ ବକର[ର.ଅ] ଏହି ବିଶ୍ୱାସ ଆଣିବା ପରେ ନାନା ପ୍ରକାରର ତିରସ୍କାର ଏବଂ ନିନ୍ଦା ଦେଖିଲେ ଅର୍ଥାତ ସହ୍ୟ କଲେ । ଜାତି, ବଂଶ ଏବଂ ସଂପ୍ରଦାୟର ବନ୍ଧୁ ଓ ଭ୍ରାତୃବର୍ଗଙ୍କର ନିନ୍ଦା ଅପବାଦକୁ ସହ୍ୟ କଲେ । ଅଶେଷ ଦୟାବାନ ପ୍ରଭୁଙ୍କ ମାର୍ଗରେ ସେ ନାନା ପ୍ରକାରର ନିର୍ଯାତନା ଓ ଯନ୍ତ୍ରଣା ତାଙ୍କୁ ଦିଆଗଲା ଏବଂ ଆପଣ[ର.ଅ]ଙ୍କୁ ଏଭଳି ଭାବରେ ନିଜ ମାତୃଭୂମିରୁ ବିତାଡ଼ିତ କରି ଦିଆଯାଇଥିଲା ଯେପରି ଜିନ୍ ଓ ଇନ୍‌ସର ନବୀ ହ. ମୁହମ୍ମଦ[ସ.ଅ]ଙ୍କୁ ନିର୍ବାସିତ କରି ଦିଆଯାଇଥିଲା । ଆପଣ[ର.ଅ] ଶତ୍ରୁ ପକ୍ଷରୁ ଅନେକ ଦୁଃଖ କଷ୍ଟ ଏବଂ ନିଜର ପ୍ରିୟଜନମାନଙ୍କ ନିକଟରୁ ନାନା ନିନ୍ଦା ଅପବାଦ ଓ ଅଭିଶାପ ସହ୍ୟ କଲେ । ଆପଣ[ର.ଅ] ପ୍ରଭୁଙ୍କ ଦ୍ୱାରରେ ନିଜର ଧନ ଓ ଜୀବନ ଦ୍ୱାରା ଜିହାଦ୍ କରିଥିଲେ, ଅର୍ଥାତ ସବୁକିଛି ଉତ୍ସର୍ଗ କରି ଦେଇଥିଲେ । ଆପଣ[ର.ଅ] ସମ୍ମାନିତ ଏବଂ ବିଭିନ୍ନ ଆଭିଜାତ୍ୟ ପରିବେଶ ଏବଂ ପରିବାରରେ ଲାଳିତ ପାଳିତ ହେବା ପରେ ମଧ୍ୟ ଜଣେ ସାଧାରଣ ବ୍ୟକ୍ତି ଭଳି ଜୀବନ ଅତିବାହିତ କରୁଥିଲେ । ସେ ଈଶ୍ୱରଙ୍କ ମାର୍ଗରେ ନିଜ ମାତୃଭୂମିରୁ ନିର୍ବାସିତ ହୋଇଥିଲେ ଏବଂ ଅଲ୍ଲାଃତାଲାଙ୍କ ମାର୍ଗରେ ନିର୍ଯାତିତ ହୋଇଥିଲେ । ଆପଣ[ର.ଅ] ଈଶ୍ୱରଙ୍କ ମାର୍ଗରେ ନିଜର ଧନ ଦ୍ୱାରା ଜିହାଦ୍ କଲେ ଏବଂ ଧନ ତଥା ଖ୍ୟାତି ଥିବା ସତ୍ତ୍ୱେ ମଧ୍ୟ ଆପଣ[ର.ଅ] ଦାରିଦ୍ର୍ୟ ବ୍ୟକ୍ତିଙ୍କ ପରି ଜୀବନ ଅତିବାହିତ କରିଥିଲେ ଏବଂ ସେମାନଙ୍କ ପରି ହୋଇଯାଇଥିଲେ। ତେଣୁ ଅଲ୍ଲାଃତାଲା ଏହି ଇଚ୍ଛା ପ୍ରକାଶ କଲେ ଯେ, ସେ ହ. ଅବୁ ବକର[ର.ଅ]ଙ୍କ ପ୍ରତି ହୋଇଥିବା ଅନ୍ୟାୟ, ନିର୍ଯାତନା ଓ ଅବିଚାରର ପୁରସ୍କାର ତାଙ୍କୁ ପ୍ରଦାନ କରନ୍ତୁ ଏବଂ ତାହାଙ୍କ ହସ୍ତରୁ ଯାହା କିଛି ବାହାରିଥିଲା ତାହାର ଉତ୍ତମ ପ୍ରତିଦାନ ସେ ଆପଣ ର.ଅଙ୍କୁ ପ୍ରଦାନ କରିବେ । ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଏବଂ ତାହାଙ୍କ ଅନୁଗ୍ରହତା ପ୍ରାପ୍ତି ସକାଶେ ଯେଉଁ ବିପତ୍ତି ସହିତ ଆପଣ[ର.ଅ] ସମ୍ମୁଖୀନ ହୋଇଛନ୍ତି ତାହାର ପ୍ରତିଦାନ ଆପଣ[ର.ଅ]ଙ୍କ ଉପରେ ପ୍ରକାଶିତ ହେଉ । ଅଲ୍ଲାଃତାଲା ଉପକାରକାରୀଙ୍କ ଉପକାରକୁ କଦାପି କ୍ଷୟ ତଥା ବୃଥା ହେବାକୁ ଦିଅନ୍ତି ନାହିଁ । ତେଣୁ ଆପଣ[ର.ଅ]ଙ୍କ ପ୍ରଭୁ ହିଁ ଆପଣ[ର.ଅ]ଙ୍କୁ ଖଲିଫା କରିଦେଲେ ଏବଂ ଆପଣ[ର.ଅ]ଙ୍କ ପାଇଁ ଆପଣ[ର.ଅ]ଙ୍କ ଚର୍ଚ୍ଚାକୁ ଉଚ୍ଚ କରିଦେଲେ ଏବଂ ଆପଣ[ର.ଅ]ଙ୍କୁ ସାନ୍ତ୍ୱନା ଓ ଆଶ୍ୱସ୍ତି ପ୍ରଦାନ କଲେ । ନିଜ ଦୟା ଓ କୃପା ଦ୍ୱାରା ଆପଣ[ର.ଅ]ଙ୍କୁ ସମ୍ମାନ ପ୍ରଦାନ କଲେ ଏବଂ ଆପଣ[ର.ଅ]ଙ୍କୁ ଅମୀରୁଲ୍ ମୁମିନିନ୍ (ବିଶ୍ୱାସକାରୀଙ୍କ ଅଧିପତି) କରିଦେଲେ ।

**(ସିରରୁଲ୍ ଖିଲାଫାର ଅନୁବାଦ, ପୃ-63-66)**

ହ. ମସିହ୍ ମଉଦ୍[ଅ.ସ] ପୁନଶ୍ଚ କୁହନ୍ତି ଯେ, ସତ୍ୟବାଦୀ ଖଲିଫା ହ. ଅବୁ ବକର[ର.ଅ] ଏବଂ ହ. ଉମର୍ ଫାରୁକ୍[ର.ଅ], ହ. ଜୁନ୍ ନୁରୈନ୍[ର.ଅ] ଓ ହ. ଅଲୀ[ର.ଅ] ନିଃସନ୍ଦେହ ରୂପେ ସମସ୍ତେ ଧର୍ମର ସନ୍ତକ ରକ୍ଷକ ଥିଲେ । ହ. ଅବୁ ବକର[ର.ଅ] ଯେକି ଇସଲାମ୍ ଧର୍ମର ଦ୍ୱିତୀୟ ଆଦମ୍[ଅ.ସ] (ପିତୃ ପିତାମହ) ଅଟନ୍ତି ଏବଂ ସେହିପରି ହ. ଉମର୍ ଫାରୁକ୍[ର.ଅ] ଏବଂ ହ. ଉସ୍‌ମାନ୍[ର.ଅ] ଆଦି ବ୍ୟକ୍ତିମାନେ ଯଦି ଧର୍ମରେ ସତ୍ୟବାଦୀ ନଥାଆନ୍ତେ ତେବେ ଆଜି ଆମମାମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି ହୋଇଥାଆନ୍ତା ଏବଂ ଆମମାନଙ୍କ ପକ୍ଷେ ଏହି ବଜୟ ପ୍ରାପ୍ତ କରିବା ସହଜ ସାଧ୍ୟ ହୋଇ ନଥାଆନ୍ତା ଯାହାକୁ ଆପଣ[ର.ଅ] ପବିତ୍ର କୁରଆନ କରୀମର କୌଣସି ଏକ ଆୟତକୁ ଅଲ୍ଲାଃତାଲାଙ୍କ ନିକଟରୁ ଆନୀତ ବୋଲି କହିପାରି ଥାଆନ୍ତୁ ।

**(ମକତୁବାତେ ଅହମଦ୍, ଭାଗ-151, ମକତୁବ୍ ନଂ-151, ମକୁତବ୍ ବନାମ୍ ହ. ଖାନ୍ ସାହେବ ମୁହମ୍ମଦ ଅଲୀ ଖାନ୍ ର.ଅ)**

ପୁନଶ୍ଚ ଅନ୍ୟ ଏକ ସ୍ଥାନରେ ହ. ମସିହ୍ ମଉଦ୍[ଅ.ସ] କୁହନ୍ତି, ହ. ଅବୁ ବକର[ର.ଅ] ଇସ୍‌ଲାମ୍ ଧର୍ମ ପାଇଁ ଦ୍ୱିତୀୟ ଆଦମ୍ ଅଟନ୍ତି । ସେହି ଯୁଗରେ ମଧ୍ୟ ମିଥ୍ୟାବାଦୀ ମୁସଲୈମା ଅବୈଧ ଓ ଅନ୍ୟାୟ ଭାବରେ ଲୋକମାନଙ୍କୁ ଏକତ୍ରିତ କରି ରଖିଥିଲା। ତେଣୁ ଜଣେ ବ୍ୟକ୍ତି ଏହା ଭାବି ପାରିବ ଯେ, ଆପଣ[ର.ଅ] କିଭଳି ସଂକଟପୂର୍ଣ୍ଣ ପରିସ୍ଥିତିରେ ଖଲିଫା ହୋଇଥିଲେ ଏବଂ ଆପଣ[ର.ଅ] କେତେ ସମସ୍ୟାର ସମ୍ମୁଖୀନ ହୋଇଥିବେ ? ହ. ଅବୁ ବକର[ର.ଅ] ଯଦି ଶକ୍ତ ହୃଦୟ ହୋଇ ନଥାଆନ୍ତେ ଏବଂ ନବୀ କରୀମ୍[ସ.ଅ]ଙ୍କ ବିଶ୍ୱାସର ରଙ୍ଗ ତାହାଙ୍କ ବିଶ୍ୱାସରେ ନ ଆଣି ଥାଆନ୍ତେ ତେବେ ପରିସ୍ଥିତି ଅତ୍ୟନ୍ତ ଜଟିଳ ହୋଇ ପଡ଼ନ୍ତା ଏବଂ ସେ ଘାବରେଇ ଯାଇଥାଆନ୍ତେ। କିନ୍ତୁ ସତ୍ୟବାଦୀ ଖଲିଫା ହ. ଅବୁ ବକର[ର.ଅ] ନବୀ କରୀମ୍[ସ.ଅ]ଙ୍କ ପ୍ରତିବେଶୀ (ପଡ଼ୋଶୀ) ଥିଲେ ଓ ଛାୟୀ ମଧ୍ୟ ଥିଲେ । ଅର୍ଥାତ ସେ ଆଁହଜରତ[ସ.ଅ]ଙ୍କର ପ୍ରତିବିମ୍ବ ଥିଲେ । ଆପଣ[ସ.ଅ]ଙ୍କ ଚାରିତ୍ରିକ ପ୍ରତିବିମ୍ବର ପ୍ରଭାବ ହ. ଅବୁ ବକର[ର.ଅ]ଙ୍କ ଉପରେ ମଧ୍ୟ ପଡ଼ିଲା ଏବଂ ହୃଦୟ ବିଶ୍ୱାସରେ ପୂର୍ଣ୍ଣ ହୋଇଯାଇଥିଲା । ଏଣୁ ହ. ଅବୁ ବକର[ର.ଅ] ସେହି ସାହସିକତା ଏବଂ ଅବିଚଳତା ପ୍ରଦର୍ଶନ କଲେ ଯେ, ଆଁହଜରତ[ସ.ଅ]ଙ୍କ ପରେ ଏହାର ନଜିର (ଦୃଷ୍ଟାନ୍ତ) ମିଳିବା ଅତ୍ୟନ୍ତ କଷ୍ଟକର । ହ. ଅବୁ ବକର[ର.ଅ]ଙ୍କ ଜୀବନ ଇସ୍‌ଲାମ୍ ଧର୍ମର ଜୀବନ ଥିଲା ଅର୍ଥାତ ଇସ୍‌ଲାମ୍ ଧର୍ମ

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,
Jamat Ahmadiya Kerang (Odisha)

ନିମନ୍ତେ ଅଭିପ୍ରେତ ଥିଲା । ଏହା ଏଭଳି ଏକ ସମସ୍ୟା ଯାହା ଉପରେ କୌଣସି ଦୀର୍ଘ ବିତର୍କର ଆବଶ୍ୟକତା ନାହିଁ । ସେହି ଯୁଗର ପରିସ୍ଥିତି ସଂପର୍କରେ ଅଧ୍ୟୟନ କରିନିଅ ଏବଂ ଏହାପରେ ହ. ଅବୁ ବକର[ର.ଅ] ଇସଲାମ୍ ଧର୍ମର ଯେଉଁ ସେବା କରିଛନ୍ତି ତାହା ଅକଳ୍ପନୀୟ । ମୁଁ ସତ୍ୟ କହୁଛି ଯେ, ସତ୍ୟବାଦୀ ଖଲିଫା ହ. ଅବୁ ବକର[ର.ଅ] ସମଗ୍ର ଇସ୍‌ଲାମ୍ ଧର୍ମ ପାଇଁ ଦ୍ୱିତୀୟ ଆଦମ୍ ଅଟନ୍ତି । ମୁଁ ଏହି ବିଶ୍ୱାସ ରଖୁଛି ଯେ, ଯଦି ଆଁହଜରତ[ସ.ଅ]ଙ୍କ ପରେ ହ. ଅବୁ ବକର[ର.ଅ]ଙ୍କ ଅସ୍ତିତ୍ୱ ନଥାଆନ୍ତା ତେବେ ଇସ୍‌ଲାମ୍ ଧର୍ମର କୌଣସି ସତ୍ତା ମଧ୍ୟ ନଥାଆନ୍ତା । ଇସ୍‌ଲାମ୍ ଧର୍ମ ଉପରେ ହ. ଅବୁ ବକର ର.ଅଙ୍କ ମହୋଉପକାର ରହିଛି ଯେ, ସେ ଇସଲାମ୍ ଧର୍ମକୁ ପୁନଃ ସ୍ଥାପନ କରିଦେଲେ । ନିଜର ବିଶ୍ୱାସମୂଳକ ଶକ୍ତି ବଳରେ ସେ ସମସ୍ତ ବିଦ୍ରୋହୀମାନଙ୍କୁ ଦଣ୍ଡିତ କଲେ ଏବଂ ଶାନ୍ତି ସ୍ଥାପନ କରିଦେଲେ । ସେହିପରି ଅଲ୍ଲାଃତାଲା ପବିତ୍ର କୁରଆନ୍‌ରେ କୁହନ୍ତି ଯେ, ସେ ଭୂପୃଷ୍ଠରେ ସତ୍ୟବାଦୀ ବ୍ୟକ୍ତିଙ୍କୁ ଅବଶ୍ୟ ଖଲିଫା କରିଦେବେ । ଏହି ଭବିଷ୍ୟତବାଣୀଟି ସତ୍ୟବାଦୀ ହ. ଅବୁ ବକର[ର.ଅ] କାଳ ଏବଂ ତାହାଙ୍କ ଖିଲାଫତ୍‌ରେ ହିଁ ପୂର୍ଣ୍ଣ ହେଲା । ଆକାଶ ଏବଂ ପାତାଳ କାର୍ଯ୍ୟାନୁସରଣ ପୂର୍ବକ ଏହାର ସାକ୍ଷ୍ୟ ପ୍ରଦାନ କଲା । ସୁତରାଂ ଏହା ହ. ଅବୁ ବକର[ର.ଅ]ଙ୍କ ପ୍ରଶଂସା ଅଟେ । ଯହିଁରେ ନିଷ୍ଠାପରତା ଏବଂ ସତ୍ୟବାଦୀତାର ସ୍ତର ଏବଂ ପୂର୍ଣ୍ଣତ୍ୱ ରହିବା ବାଞ୍ଛନୀୟ । ଦୃଷ୍ଟାନ୍ତ ଓ ଉଦାହରଣ ଉପସ୍ଥାପିତ କରିବା ଦ୍ୱାରା ଅତି ସହଜରେ ସମସ୍ୟାର ସମାଧାନ ହୋଇଯାଇଥାଏ।

**(ମଲଫୁଜାତ୍, ଭାଗ-1, ପୃ-380-381, ସଂସ୍କରଣ ବର୍ଷ 1984 ମସିହା)**

ଆପଣ[ଅ.ସ] ପୁନଶ୍ଚ କହନ୍ତି, ଆଁହଜରତ[ସ.ଅ]ଙ୍କ ବିୟୋଗ ପରେ ହଜାର ହଜାର ଲୋକମାନେ ଧର୍ମଦ୍ରୋହୀ ପାଲଟି ଯାଇଥିଲେ । କିନ୍ତୁ ଆଁହଜରତ[ସ.ଅ]ଙ୍କ କାଳରେ ଧର୍ମ ବିଧାନ ସଂପୂର୍ଣ୍ଣ ହୋଇଯାଇଥିଲା । ଏପର୍ଯ୍ୟନ୍ତକି ସେହି ବିଦ୍ରୋହର ଫଳାଫଳ ଏହା ହେଲା ଯେ, କେବଳ ଦୁଇଟି ମସଜିଦ୍ ରହିଯାଇଥିଲା ଯହିଁରେ ନମାଜ ପାଠ ହେଉଥିଲା । ଅନ୍ୟ ସମସ୍ତ ମସଜିଦ୍‌ରେ ନମାଜ ପାଠ ହେଉ ନଥିଲା । ଏହି ଲୋକମାନେ ହେଉଛନ୍ତି ସେହି ଲୋକ ଯାହାଙ୍କ ସଂକ୍ରାନ୍ତରେ ଅଲ୍ଲାଃତାଲା ପବିତ୍ର କୁରଆନ୍‌ରେ କୁହନ୍ତି, **କୁଲ୍ ଲମ୍ ତୁମିନୁ ୱଲାକିନ୍ କୁଲୁ ଅସ୍‌ଲମ୍‌ନା । (ଅଲ୍ ହୁଜରାତ୍: 150)** କିନ୍ତୁ ଅଲ୍ଲାଃତାଲା ହ. ଅବୁ ବକର ର.ଅଙ୍କ ମାଧ୍ୟମରେ ପୁନଃ ଇସ୍‌ଲାମ୍ ଧର୍ମକୁ ସ୍ଥାପନ କଲେ ଏବଂ ସେ ହିଁ ଇସଲାମ୍ ଧର୍ମର ଦ୍ୱିତୀୟ ଆଦମ ଅଟନ୍ତି । ମୋ ନିକଟରେ ଇସ୍‌ଲାମ୍ ଧର୍ମ ଉପରେ ଆଁହଜରତ ସ.ଅଙ୍କ ପରେ ହ. ଅବୁ ବକର[ର.ଅ]ଙ୍କର ମହାନ ଉପକାର ରହିଛି । କାରଣ ହ. ଅବୁ ବକର[ର.ଅ]ଙ୍କ କାଳରେ ଚାରିଜଣ ମିଥ୍ୟାବାଦୀ ଅବତାର ଅବତାରତ୍ୱର ଦାବି କରିଥିଲେ। ତନ୍ମଧ୍ୟରେ ମିଥ୍ୟାବାଦୀ ମୁସୈଲ୍‌ମା ଅନ୍ୟତମ ଅଟେ । ସେହି ମୁସୈଲ୍‌ମା ସାଥିରେ ଏକ ଲକ୍ଷ ଲୋକମାନେ ହୋଇଯାଇଥିଲେ ଏବଂ ସେହି ଧର୍ମଦ୍ରୋହୀଙ୍କ ପ୍ରିୟତମ ନବୀ ହ. ମୁହମ୍ମଦ୍[ସ.ଅ] ସେମାନଙ୍କ ମଧ୍ୟରେ ଆଉ ଜୀବିତ ନଥିଲେ ବରଂ ଆଁହଜରତ ସ.ଅଙ୍କର ଅକାଳ ବିୟୋଗ ହୋଇ ସାରିଥିଲା । କିନ୍ତୁ ଏହିଭଳି ଏକ ଘଡ଼ିସନ୍ଧି ମହୂର୍ତ୍ତରେ ଇସ୍‌ଲାମ୍ ଧର୍ମ ନିଜ କେନ୍ଦ୍ରରେ ପୁନଃ ସ୍ଥାପିତ ହୋଇଗଲା। ଅର୍ଥାତ ହ. ଅବୁ ବକର ର.ଅ ଖିଲଫା ହେଲେ । ହ. ଉମର୍ ର.ଅଙ୍କୁ ପୂର୍ବ ପ୍ରସ୍ତୁତ ଧର୍ମ ଏବଂ ଖିଲାଫତ୍ ପରମ୍ପରା ମିଳି ଯାଇଥିଲା । ଫଳତଃ ସେ ଏହି ଧର୍ମକୁ ପ୍ରସାରିତ ଓ ପରିବ୍ୟାପ୍ତ କରି ଚାଲିଲେ । ଏପର୍ଯ୍ୟନ୍ତକି ଆରବ ଦେଶର ଏକ ପ୍ରାନ୍ତରୁ ଇସ୍‌ଲାମ୍ ଧର୍ମ ବାହାରି ଅନ୍ୟ ପ୍ରାନ୍ତ ଅର୍ଥାତ ସିରୀୟା ଏବଂ ରୋମ୍ ଦେଶ ପର୍ଯ୍ୟନ୍ତ ବ୍ୟାପୀ ଗଲା ବା ପହଞ୍ଚିଗଲା । ଏହି ଦେଶଗୁଡ଼ିକ ଇସଲାମ୍ ଧର୍ମ ଅକ୍ତିଆରକୁ ଆସିଗଲେ । ହ. ଅବୁ ବକର ର.ଅଙ୍କ ଭଳି ବିପତ୍ତି ଓ ଜଟିଳ ପରିସ୍ଥିତି ଅନ୍ୟ କୌଣସି ଖଲିଫାମାନେ ଦେଖି ନାହାନ୍ତି । ନା ହ. ଉମର୍, ନା ହ. ଉସ୍‌ମାନ୍ ଓ ନା ହିଁ ହ. ଅଲୀ ର.ଅ ଦେଖିଛନ୍ତି।

**(ମଲଫୁଜାତ୍ ଭାଗ-1, ପୃ-380-381, ସଂସ୍କରଣ ବର୍ଷ-1984 ମସିହା)**

ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ସକାଶେ ତିରସ୍କାରକୁ ଗ୍ରହଣ କରିନିଏ ଫଳସ୍ୱରୂପ ସେହି ବ୍ୟକ୍ତି ସମ୍ମାନ, ସିଂହାସନରେ ଆସୀନ ହୁଅନ୍ତି । ହ. ଅବୁ ବକର ର.ଅଙ୍କୁ ହିଁ ଦେଖିନିଏ ! ତେଣୁ ଯେଉଁ ବ୍ୟକ୍ତି ସର୍ବ ପ୍ରଥମେ ତିରସ୍କାର ଗ୍ରହଣ କରେ ସେ ସର୍ବ ପ୍ରଥମେ ସିଂହାସନରେ ଆସୀନ ହୋଇଥାଏ । **(ମଲଫୁଜାତ୍ ଭାଗ-7, ପୃ-7, ସଂସ୍କରଣ ବର୍ଷ-1984 ମସିହା)**

ଆପଣ[ଅ.ସ] କୁହନ୍ତି: "କ'ଣ ସଂସାରରେ ଏଭଳି କୌଣସି ଦୃଷ୍ଟାନ୍ତ ଏବଂ ନଜୀର୍ ରହିଛି ଯେ, ଲୋକମାନେ ଅଲ୍ଲାଃତାଲାଙ୍କ ମାର୍ଗରେ ନିହତ ହେଲେ ଓ ସେମାନଙ୍କ ଜୀବନ୍ତ ଏବଂ ଅମରତ୍ୱର ପ୍ରମାଣ ଟିକିଏ ବି ଭୂପୃଷ୍ଠରେ ମିଳିବ କି ? ହ. ଅବୁ ବକର[ର.ଅ]ଙ୍କୁ ହିଁ ଦେଖିନିଅ ଯେ, ସର୍ବାଧିକ ରୂପେ ସେ ଅଲ୍ଲାଃତାଲାଙ୍କ ମାର୍ଗରେ ନିଜକୁ ଉତ୍ସର୍ଗ କରିଦେଲେ ଏବଂ ସର୍ବାଧିକ ମଧ୍ୟ ଅଲ୍ଲାଃତାଲା । କିନ୍ତୁ ଇସ୍‌ଲାମ୍ ଧର୍ମର ଇତିହାସରେ ସର୍ବ ପ୍ରଥମ ଖଲିଫା ହ. ଅବୁ ବକର[ର.ଅ] ହିଁ ହେଲେ । ଅନେକ ଲୋକମାନେ ଏହି ପ୍ରଶ୍ନ କରନ୍ତି ଏବଂ କୁହନ୍ତି ଯେ, କ'ଣ ଆମେମାନେ ହ. ଅବୁ ବକର[ର.ଅ]ଙ୍କ ପରି ଅଲ୍ଲାଃତାଲାଙ୍କ ମାର୍ଗରେ ସର୍ବସ୍ୱ ହରାଇ ବର୍ବାଦ ହୋଇଯିବୁ? କିନ୍ତୁ ଏହା ସେମାନଙ୍କର ମିଛ ପ୍ରତାରଣା ଅଟେ । କୌଣସି ବ୍ୟକ୍ତି କେବ ବର୍ବାଦ ହେବ ନାହିଁ । ହ. ଅବୁ ବକର[ର.ଅ]ଙ୍କୁ ହିଁ ଦେଖିନିଅ ! ସେ ଅଲ୍ଲାଃତାଲା ଏବଂ ତାହାଙ୍କ ରସୁଲ ମୁହମ୍ମଦ୍[ସ.ଅ]ଙ୍କ ସକାଶେ ସର୍ବସ୍ୱ ପରିତ୍ୟାଗ କରିଦେଲେ ଏବଂ ସେ ହିଁ ସର୍ବ ପ୍ରଥମେ ଈଶ୍ୱରଙ୍କ ଦ୍ୱାରା ଖିଲଫତ୍ ସିଂହାସନରେ ଆରୋହଣ ହୋଇଥିଲେ ।"**(ମଲଫୁଜାତ୍ ଭାଗ-6, ପୃ-19, ବିଶିଷ୍ଟ ଦ୍ରବ୍ୟ, ସଂସ୍କରଣ ବର୍ଷ-1984 ମସିହା)**

ଆପଣ [ଅ.ସ] ପୁନଶ୍ଚ କହନ୍ତି: ଯେପର୍ଯ୍ୟନ୍ତ ତୁମ ଉପରେ ଉକ୍ତ ପ୍ରମାଣର ସ୍ପଷ୍ଟୀକରଣ ନିମନ୍ତେ ସବିଶେଷ ବିବରଣୀ ଆବଶ୍ୟକ ହୋଇ ନାହିଁ, ତେବେ ସେକ୍ଷେତ୍ରରେ ବୁଦ୍ଧିଜୀବୀମାନେ ଏବଂ ଜ୍ଞାନୀ ଗୁଣି ବ୍ୟକ୍ତିମାନଙ୍କୁ ଜାଣି ରଖନ୍ତୁ ଯେ, ଅଲ୍ଲାଃତାଲା ଉକ୍ତ ଆୟତ୍‌ରେ ସମସ୍ତ ମୁସଲମାନ ଧର୍ମାବଲମ୍ବୀ ବିଶ୍ୱାସକାରୀଣୀ ମହିଳା ଓ ବିଶ୍ୱାସକାରୀ ପୁରଷମାନଙ୍କୁ ଏହି ପ୍ରତିଶୃତି ଦେଇଛନ୍ତି ଯେ, ନିଜ କୃପା ଏବଂ ଦୟା ଦ୍ୱାରା ସେମାନଙ୍କ ମଧ୍ୟରୁ କେତେକ ବିଶ୍ୱାସକାରୀମାନଙ୍କୁ ଭୂପୃଷ୍ଠରେ ଅବଶ୍ୟ ଖଲିଫା କରିଦେବେ ଏବଂ ସେମାନଙ୍କର ଭୟପ୍ରଦ ଅବସ୍ଥାକୁ ଶାନ୍ତିରେ ରୂପାନ୍ତରିତ କରିଦେବେ । ଉକ୍ତ ପ୍ରସଙ୍ଗର ଦୃଢ଼ ଦାବିଦାର ଏବଂ ବଳିଷ୍ଠ ପ୍ରମାଣ ଆମେମାନେ ହ. ଅବୁ ବକର[ର.ଅ]ଙ୍କୁ ବ୍ୟକ୍ତିତ୍ୱ ଓ ତାହାଙ୍କ ଖିଲାଫତ୍‌କୁ ହିଁ ଏହାର ଚରିତାର୍ଥ ବୋଲି ସ୍ୱୀକାର କରିଥାଉ । କାରଣ ଅନୁସନ୍ଧିତ୍ସୁ ନିକଟରେ ଏକଥା ଲୁକ୍କାୟିତ ହୋଇ ରହି ନାହିଁ ଯେ, ହ. ଅବୁ ବକର[ର.ଅ]ଙ୍କ ଖିଲାଫତ୍ କାଳ ଭୟ ଏବଂ ବିପଦର ସମୟ ଥିଲା । ସୁତରାଂ ଯେତେବେଳେ ଆଁହଜରତ ସ.ଅଙ୍କ ଅକାଳ ବିୟୋଗ ହେଲା ସେତେବେଳେ ଇସଲାମ୍ ଏନଂ ମୁସଲମାନମାନଙ୍କ ଉପରେ ବିପତ୍ତି ଓ ଦୁଃଖର ପର୍ବତ ଭାଙ୍ଗି ପଡ଼ିଲା । ଅର୍ଥାତ ମୁସଲମାନମାନେ ଆଁହଜରତ ସ.ଅଙ୍କ ବିୟୋଗରେ ମର୍ମାହତ ଏବଂ ବ୍ୟଥିତ ହୋଇ ପଡ଼ିଥିଲେ । ଅନେକ କପଟବିଶ୍ୱାସୀ ବ୍ୟକ୍ତିମାନେ ବିଧର୍ମୀ ଏବଂ ଧର୍ମଦ୍ରୋହୀ ପାଲଟିଗଲେ । ମନ୍ଦ, ନିନ୍ଦା, ଅପବାଦବ ଓ କୃତଘ୍ନତା ଯୋଗୁଁ ସେମାନଙ୍କର ତୁଣ୍ଡ ପ୍ରସାରିତ ହେଲା ଏବଂ ଲାଞ୍ଛନାକାରୀ ଗୋଷ୍ଠୀର ନେତାମାନେ ଅବତାରତ୍ୱର ଦାବି କରିଦେଲେ ଏବଂ ଅନେକ ପୁରପଲ୍ଲୀର ଜନତା ସେମାନଙ୍କ ଆଖ ପାଖରେ ଆସି ଏକତ୍ରିତ ହୋଇଗଲେ । ଏପର୍ଯ୍ୟନ୍ତ କି ମିଥ୍ୟବାଦୀ ମୁସୈଲ୍‌ମା ସହିତ ପ୍ରାୟ ଏକ ଲକ୍ଷ ଅଶିକ୍ଷିତ ଏବଂ ନିପଟ ମଫସଲ ବ୍ୟକ୍ତିମାନେ ମିଶିଗଲେ ଏବଂ ଉପଦ୍ରବର ବହ୍ନୀ ଚତୁର୍ଦ୍ଦିଗରେ ପ୍ରଜ୍ୱଳିତ ହୋଇ ଉଠିଲା, ବିପତ୍ତି କ୍ରମଶଃ ବୃଦ୍ଧି ପାଇଲା, ବିପତ୍ତି ଦୂର ଏବଂ ନିକଟବର୍ତ୍ତୀ ମୁସଲମାନମାନଙ୍କୁ ଘେରିନେଲା, ବିଶ୍ୱାସକାରୀମାନଙ୍କ ଉପରେ ଏକ ଭୟଙ୍କର ଭୂମିକମ୍ପ ଆସିଲା । ସେତେବେଳେ ସମସ୍ତ ଲୋକମାନେ ପରୀକ୍ଷାର ସମ୍ମୁଖୀନ ହେଲେ, ଭୟାବହ ଏବଂ ହତବାକ୍ କରିଦେବା ଭଳି ପରିସ୍ଥିତି ବିଶ୍ୱାସକାରୀ ମୁସଲମାନମାନଙ୍କ ଉପରେ ସୃଷ୍ଟି ହୋଇଗଲା । ବିଶ୍ୱାସକାରୀମାନେ ଏଭଳି ଅକ୍ଷମ ଥିଲେ ଯେପରି ସେମାନଙ୍କ ହୃଦୟର ଅଗ୍ନୀକୁ ପ୍ରଜ୍ୱଳିତ କରିଦିଆଯାଇଛି କିମ୍ବା ସେମାନେ ଛୁରୀ ଦ୍ୱାରା ଜେବହ୍ ହୋଇଯାଇଛନ୍ତି। ବିଶ୍ୱାସକାରୀମାନେ କେତେବେଳେ ଆଁହଜରତ[ସ.ଅ]ଙ୍କ ବିରହ ଯୋଗୁଁ ରୋଦନ ଏବଂ ବିଳାପ କରୁଥିଲେ ତ' ଆଉ କେତେବେଳେ ଭସ୍ମୀଭୂତ କରିଦେଉଥିବା ଅଗ୍ନୀ ଓ ପ୍ରଜ୍ୱଳିତ ହେଉଥିବା ଅତ୍ୟାଚାରକୁ ଦେଖି ରୋଦନ କରୁଥିଲେ । ଶାନ୍ତି ଓ ସାନ୍ତ୍ୱନାର କୌଣସି ପ୍ରଶ୍ନ ଉଠୁ ନଥିଲା କି ଶାନ୍ତି ଏବଂ ସାନ୍ତ୍ୱନାର ଚିହ୍ନ ବର୍ଣ୍ଣ ମଧ୍ୟ ନଥିଲା । ଉପଦ୍ରବକାରୀମନେ ଖତ ଗଦାର ଅଙ୍କୁରିତ ହୋଇଥିବା କୃଢ଼ କୃଢ଼ ଛତୁ ପରି ଚତୁର୍ଦ୍ଦିଗରେ ବ୍ୟାପୀ ଯାଇଥିଲେ । ବିଶ୍ୱାସକାରୀମାନଙ୍କର ଭୟ ଏବଂ ସେମାନଙ୍କର ଅଧୀରତା କ୍ରମଶଃ ବୃଦ୍ଧି ପାଇଥିଲା ଏବଂ ମନ ଆତଙ୍କିତ ଏବଂ

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajjad Khan, S/O- Sultan Ahmad,
Jamat Ahmadiya Kerang (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang (Odisha)

ଅଶାନ୍ତିରେ ପରିପୂର୍ଣ୍ଣ ଥିଲା । ଏହିଭଳି ଘଡ଼ି ସନ୍ଧି ମୁହୂର୍ତ୍ତରେ ହ. ଅବୁ ବକର[ର.ଅ] ନବୀ କରୀମ୍[ସ.ଅ]ଙ୍କ ଶାସକ ଏବଂ ଖଲିଫା ହେଲେ । ଆପଣ[ର.ଅ] କପଟବିଶ୍ୱାସୀ, ଅବିଶ୍ୱାସକାରୀ, ବିଦ୍ରୋହୀମାନଙ୍କ ଆଚରଣ ଏବଂ ଚାଲି ଚଳନକୁ ଆପଣ[ର.ଅ] ସାକ୍ଷାତ୍ ଅବଲୋକନ ତଥା ପର୍ଯ୍ୟବେକ୍ଷଣ କଲେ । ଫଳତଃ ଆପଣ[ର.ଅ] ଦୁଃଖ ଓ ଯନ୍ତ୍ରଣାରେ ବୁଡ଼ି ଗଲେ । ଆପଣ[ର.ଅ] ଏଭଳି ରୋଦନ ଏବଂ ବିଳାପ କରୁଥିଲେ ଯେପରି ଶ୍ରାବଣ ଧାର ଅହରହ ବାରିପାତ କରୁଥିଲା । ଆପଣ[ର.ଅ]ଙ୍କ ଚକ୍ଷୁର ଲୁହ ଅହରହ ଭାବରେ ବହି ଯାଉଥିବା ଝରଣା ପରି ବହି ଯାଉଥିଲା । ଆପଣ[ର.ଅ] ନିଜର ପ୍ରଭୁଙ୍କୁ ଇସ୍‌ଲାମ୍ ଧର୍ମ ଏବଂ ମୁସଲମାନମାନଙ୍କର ପୁଣ୍ୟ ଏବଂ ସୁଖ ସମୃଦ୍ଧି ନିମନ୍ତେ ପ୍ରାର୍ଥନା କରୁଥିଲେ । ଏପର୍ଯ୍ୟନ୍ତକି ଅଲ୍ଲାଃତାଲାଙ୍କ ସାହାଯ୍ୟ ଏବଂ ସମର୍ଥନ ଆସିଗଲା ଏବଂ ମିଥ୍ୟାବାଦୀ ଅବତାରମାନେ ନିହତ ଏବଂ ଦଣ୍ଡିତ ହେଲେ, ଉପଦ୍ରବକାରୀମାନଙ୍କର ଉପଦ୍ରବକୁ ଦୂରୀଭୂତ କରି ଦିଆଗଲା ଏବଂ ବିପତ୍ତିର କଳା ବାଦଲ ହଟିଗଲା (ବିପତ୍ତିର କଳା ବାଦଲ ହଟି ଯାଇ ଆକାଶ ନିର୍ମଳ ହୋଇଗଲା), ପ୍ରସଙ୍ଗର ନିଷ୍ପତ୍ତି ନିର୍ଣ୍ଣିତ ହୋଇଗଲା ଏବଂ ଖିଲାଫତ୍‌ର ପ୍ରସଙ୍ଗ ଦୃଢୀଭୂତ ହୋଇଗଲା, ଅଲ୍ଲାଃତାଲା ବିଶ୍ୱାସକାରୀମାନଙ୍କୁ ବିପତ୍ତିରୁ ଉଦ୍ଧାର କଲେ, ସେମାନଙ୍କର ଭୟପ୍ରଦ ଅବସ୍ଥାକୁ ଶାନ୍ତିରେ ରୂପାନ୍ତରିତ କରିଦେଲେ ଏବଂ ସେମାନଙ୍କ ପାଇଁ ସେମାନଙ୍କ ଧର୍ମକୁ ଦାର୍ଢ୍ୟତା (ଦୃଢତା ପ୍ରଦାନ କଲେ, ବିଶ୍ୱାସକାରୀଙ୍କ ଏକ ସଂସାର ବା ଗୋଷ୍ଠୀକୁ ସତ୍ୟ ଉପରେ ପ୍ରତିଷ୍ଠିତ କରିଦେଲେ ଏବଂ ଉପଦ୍ରବକାରୀମାନଙ୍କର ମୁଖମଣ୍ଡଳକୁ କଳା କରିଦେଲେ, ନିଜର ପ୍ରତିଶୃତିକୁ ପୂରଣ କେଲେ, ନିଜର ଭକ୍ତ ସତ୍ୟବାଦୀ ଖଲିଫ ହ. ଅବୁ ବକର[ର.ଅ]ଙ୍କୁ ସାହାଯ୍ୟ ପ୍ରଦାନ କଲେ ଏବଂ ଅହଂକାରୀ ବିଦ୍ରୋହୀମାନଙ୍କର ପିତୁଳାକୁ ଧ୍ୱଂସ କରିଦେଲେ, ଅବିଶ୍ୱାସକକାରୀମାନଙ୍କ ମନରେ ଏଭଳି ଭୟ ଉତ୍ପନ୍ନ କରିଦେଲେ ଯେ, ସେମାନେ ପରାଜିତ ଏବଂ ତିରସ୍କୃତ ହୋଇଗଲେ । ପରିଶେଷରେ ସେମାନେ କ୍ଷମା ଯାଚନା କରି ପ୍ରତ୍ୟାବର୍ତ୍ତନ କଲେ ଏବଂ ଏହା ସେହି ମହା ପ୍ରତାପୀ ସର୍ବ ଶକ୍ତିମାନ ଈଶ୍ୱରଙ୍କର ପ୍ରତିଶୃତି ଥିଲା ଯେକି ସମସ୍ତ ସତ୍ୟବାଦୀଙ୍କ ଠାରୁ ସର୍ବାଧିକ ସତ୍ୟବାଦୀ ଅଟନ୍ତି । ସୁତରାଂ ଚିନ୍ତା କରି ଦେଖ ଯେ, ହ. ଅବୁ ବକର[ର.ଅ]ଙ୍କ ଅସ୍ତିତ୍ୱରେ ଖିଲାଫତ୍‌ର ପ୍ରତିଶୃତି, ବାଞ୍ଛନୀୟତା ଏବଂ ଲକ୍ଷଣ ସହିତ ପୂର୍ଣ୍ଣ ହେଲା ।

ହ. ମସିହ୍ ମଉଦ୍[ଅ.ସ] କୁହନ୍ତି, ଆପଣମାନେ ଚିନ୍ତା କରନ୍ତୁ ଯେ, ସତ୍ୟବାଦୀ ଖଲିଫା ହ. ଅବୁ ବକର[ର.ଅ] ଯେତେବେଳେ ଖଲିଫା ହେଲେ ସେତେବେଳେ ମୁସଲମାନମାନଙ୍କର କ'ଣ ଅବସ୍ଥା ଥିଲା । ଇସ୍‌ଲାମ୍ ଧର୍ମ ବିପତ୍ତି ଯୋଗୁଁ ଅଗ୍ନୀର ଦଗ୍ଧୀଭୂତ ବ୍ୟକ୍ତି ପରି ଦୁର୍ବଳ ତଥା ଶୋଚନୀୟ ଅବସ୍ଥାରେ ପୀଡ଼ିତ ଥିଲା । ପୁନଶ୍ଚ ଅଲ୍ଲାଃତାଲା ଇସ୍‌ଲାମ୍ ଧର୍ମକୁ ତା'ର ସେହି ପୂର୍ବ ଶକ୍ତି ଫେରାଇ ଦେଲେ ଏବଂ ସେହି ଗଭୀର କୂପରୁ ନିଜର ବହୁମୂଲ୍ୟ ରତ୍ନ ମାଣିକ୍ୟ ହ. ଅବୁ ବକର[ର.ଅ]ଙ୍କ ଆକାରରେ ବାହାର କଲେ । ମିଥ୍ୟ ଅବତାରତ୍ୱର ଦାବି କରୁଥିବା ବ୍ୟକ୍ତିମାନଙ୍କୁ କଠୋର ଶାସ୍ତି ଦ୍ୱାରା ନିହତ ହେଲେ ଏବଂ ବିଦ୍ରୋହୀ ଧର୍ମଦ୍ରୋହୀମାନେ ଗାଈ ଗୋରୁଙ୍କ ପରି ଜେବହ୍ ହେଲେ । ହ. ମସିହ୍ ମଉଦ୍[ଅ.ସ] କୁହନ୍ତି ବିଶ୍ୱାସକାରୀମାନେ ସେହି ଭୟପ୍ରଦ ଅବସ୍ଥା ଯେଉଁଥିରେ ସେମାନେ ମୃତକମାନଙ୍କ ପରି ଥିଲେ ସେମାନଙ୍କୁ ଶାନ୍ତି ପ୍ରଦାନ କରାଗଲା । ସେହି କଷ୍ଟକୁ ଦୂରୀଭୂତ ହେବା ପରେ ବିଶ୍ୱାସକାରୀମାନେ ପ୍ରସନ୍ନିତ ହେଉଥିଲେ ଏବଂ ସତ୍ୟବାଦୀ ହ. ଅବୁ ବକର[ର.ଅ]ଙ୍କୁ ଅଭିବାଦନ, ଅଭିନନ୍ଦନ ଓ ସ୍ୱାଗତ ଜଣାଉଥିଲେ । ସେହି ବିଶ୍ୱାସକାରୀମାନେ ହ. ଅବୁ ବକର[ର.ଅ]ଙ୍କୁ ସାକ୍ଷାତ କରୁଥିଲେ ଏବଂ ଆପଣ[ର.ଅ]ଙ୍କୁ ଏକ ପବିତ୍ର ତଥା ପୁଣ୍ୟତମ ଅସ୍ତିତ୍ୱ ଓ ନବୀମାନଙ୍କ ପରି ସମର୍ଥନ ପ୍ରାପ୍ତ ବ୍ୟକ୍ତି ରୂପେ ମନେକରୁଥିଲେ। ଏହି ସମସ୍ତ ପ୍ରସଙ୍ଗ ହ. ଅବୁ ବକର[ର.ଅ]ଙ୍କ ନିଷ୍ପାପରତା ଏବଂ ଗଭୀରତମ ବିଶ୍ୱାସ ଯୋଗୁଁ ହିଁ ସମ୍ଭବପର ହୋଇ ପାରିଥିଲା ।

**(ସିରରୁଲ୍ ଖିଲାଫାର ଅନୁବାଦ, ପୃ-47-51)**

ଆପଣ ଅ.ସ ପୁନଶ୍ଚ କୁହନ୍ତି, ନବୀ କରୀମ୍ ସ.ଅଙ୍କ ବିୟୋଗ ପରେ ଇସ୍‌ଲାମ୍ ଧର୍ମର କ'ଣ ଅବସ୍ଥା ଥିଲା ଏବଂ ତହିଁରେ ହ. ଅବୁ ବକର[ର.ଅ]ଙ୍କ ସତ୍ୟବାଦୀତା ଏବଂ ନିଷ୍ପାପରତାର ସୁଗୁଣାବଳୀର ଆଚରଣ ସଂପର୍କରେ ଅତିରିକ୍ତ ଚର୍ଚ୍ଚା କରି କୁହନ୍ତି, ହ. ଅୁବ ବକର[ର.ଅ] ଅବଶ୍ୟ ନବୀ ତ' ନଥିଲେ କିନ୍ତୁ ଆପଣ[ର.ଅ]ଙ୍କ ଠାରେ ରସୁଲ ବା ନବୀଙ୍କ ପରି ଗୁଣାବଳୀ ବିଦ୍ୟମାନ ରହିଥିଲା । ଆପଣ[ର.ଅ] ସତ୍ୟବାଦୀ ବ୍ୟକ୍ତି ହେବା ଯୋଗୁଁ ଇସ୍‌ଲାମ୍ ଧର୍ମର ଉଦ୍ୟାନ ନିଜର ସକଳ ସୌନ୍ଦର୍ଯ୍ୟତା ଓ କୋମଳତା ଆଡ଼କୁ ପ୍ରତ୍ୟାବର୍ତ୍ତନ କରିଲା । ଇସ୍‌ଲାମ୍ ଧର୍ମ ଶରବିଦ୍ଧ ହେବା ସତ୍ତ୍ୱେ ମନୋହରତା ଏବଂ ସବୁଜିମା ହୋଇଗଲା । ଏହିଭଳି ନାନା ପ୍ରକାରର ସୁନ୍ଦର ସୁନ୍ଦର ପୁଷ୍ପ ଫୁଟିଲା ଯେ, ତା'ର (ପଷ୍ପ) ଡ଼ାଳ ମଳିଧୂଳି ଠାରୁ ମଧ ପବିତ୍ର ହୋଇଗଲା । ଏହା ପୂର୍ବରୁ ଇସ୍‌ଲାମ୍ ଧର୍ମର ସେହି ସୌନ୍ଦର୍ଯ୍ୟ ରୂପକ ପୁଷ୍ପର (ଅର୍ଥାତ ହ. ଅବୁ ବକର ର.ଅ) ଏଭଳି ଦୂରାବସ୍ଥା ହୋଇଯାଇଥିଲା ଯେ, ତାକୁ ଦେଖି ରୋଦନ ଓ ବିଳାପ କରାଯାଇ ସାରିଥିଲା । ତା'ର ଅବସ୍ଥା ଦୁର୍ଭିକ୍ଷ ପରି ଏବଂ ବିପଦଗ୍ରସ୍ତ ବ୍ୟକ୍ତି ପରି ଏବଂ ଜେବହ୍ ହୋଇଥିବା ଜୀବ ପରି ଯାହାର ମାଂସକୁ ଖଣ୍ଡ ବିଖଣ୍ଡିତ କରି ଦିଆଯାଇଥିଲା, ସେହିଭଳି ଅବସ୍ଥା ହୋଇଯାଇଥିଲା । ତା'ର ଅବସ୍ଥା ତ' ନାନା ପ୍ରକାରର ପୀଡ଼ା, କଷ୍ଟ ଦ୍ୱାରା ଦ୍ୱିପ୍ରହରର ପ୍ରଚଣ୍ଡ ଗ୍ରୀଷ୍ମରେ ଦଗ୍ଧୀଭୂତ ହୋଇଥିବା ବ୍ୟକ୍ତି ପରି ହୋଇଯାଇଥିଲା। ପୁନଶ୍ଚ ଏହାପରେ ଅଲ୍ଲାଃତାଲା ସେହି ବ୍ୟକ୍ତିକୁ ସମସ୍ତ ପ୍ରକାରର ବିପତ୍ତିରୁ ମୁକ୍ତି ପ୍ରଦାନ କଲେ ଏବଂ ସମସ୍ତ ପ୍ରକାରର ଜଞ୍ଜାଳରୁ ମୁକ୍ତି ପ୍ରଦାନ କଲେ । ତାଙ୍କୁ ଏଭଳି ଅଭୂତପୂର୍ବ ସମର୍ଥନ ଦ୍ୱାରା ସାହାଯ୍ୟ କଲେ ଯେ, ଇସଲାମ୍ ଧର୍ମ ନିଜର ପରାଜିତ ଏବଂ ଧୂଳି ଧୂଷରିତ ହେବା ପରେ ମଧ ସମ୍ରାଟମାନଙ୍କର ଧର୍ମାଧକ୍ଷ ସତ୍ୟବାଦୀ ଖଲିଫା ହ. ଅବୁ ବକର[ର.ଅ] ଲୋକମାନଙ୍କର ମାଲିକ ହୋଇଗଲା । ଅତଏବ୍ କପଟ ବିଶ୍ୱାସୀମାନଙ୍କର ତୁଣ୍ଡ ବାକ୍‌ହୀନ (ମୂକ) ହୋଇପଡ଼ିଲା ଏବଂ ବିଶ୍ୱାସକାରୀମାନଙ୍କର ମୁଖମଣ୍ଡଳ ପ୍ରଜ୍ୱଳିତ ହୋଇ ଉଠିଲା । ପ୍ରତ୍ୟେକ ବ୍ୟକ୍ତି ନିଜର ପାଳନକର୍ତ୍ତାଙ୍କ ପ୍ରଶଂସା ଗାନ କଲା ଏବଂ ସତ୍ୟବାଦୀ ଖଲିଫା ହ. ଅବୁ ବକର[ର.ଅ]ଙ୍କର କୃତଜ୍ଞତା ଜ୍ଞାପନ କଲା ।

**(ସିରରୁଲ୍ ଖିଲାଫାର ଅନୁବାଦ, ପୃ-52)**

ପୁନଶ୍ଚ ଆପଣ[ଅ.ସ] କୁହନ୍ତି, ସତ୍ୟବାଦୀ ଖଲିଫା ହ. ଅବୁ ବକର[ର.ଅ] ଇସ୍‌ଲାମ୍ ଧର୍ମକୁ ଏଭଳି ଏକ କାନ୍ଥ ରୂପେ ପାଇଲେ ଯାହାକି ସମସ୍ତ ପ୍ରକାରର ଉପଦ୍ରବ, ମନ୍ଦ ପଣିଆ ଯୋଗୁଁ ଭୂମିସାତ କରିବାକୁ ଚାହୁଁଥିଲା । ସେତେବେଳେ ଅଲ୍ଲାଃତାଲା ହ. ଅବୁ ବକର[ର.ଅ]ଙ୍କ ହସ୍ତରୁ ଏଭଳି ମଜଭୁତ ଦୁର୍ଗ ନିର୍ମାଣ କଲେ ଯାହାର କାନ୍ଥ ଲୌହରେ ତିଆରି ହୋଇଥିଲା ଏବଂ ଯହିଁରେ ଦାସଙ୍କ ପରି ଆଜ୍ଞାକାରୀ ସୈନ୍ୟବାହିନୀ ରହିଥିବେ । ଅତଏବ୍ ଏହା ଉପରେ ଟିକିଏ ଚିନ୍ତା କରି ଦେଖ ! କ'ଣ କୌଣସି ବ୍ୟକ୍ତି ତହିଁରେ କୌଣସି ସନ୍ଦେହର ଆଶଙ୍କା କରି ପାରିବ କି ଅବା ସେହି ବ୍ୟକ୍ତିର ଉଦାହରଣ ଅନ୍ୟ ଗୋଷ୍ଠୀଙ୍କ ମଧ୍ୟରୁ ଦେଇ ପାରିବ କି ?

**(ସିରରୁଲ୍ ଖିଲାଫାର ଅନୁବାଦ, ପୃ-54)**

ଆପଣ[ଅ.ସ] ପୁନଶ୍ଚ କୁହନ୍ତି ଯେ, ହ. ଅବୁ ବକର[ର.ଅ] ଜଣେ ପୂର୍ଣ୍ଣ ବ୍ରହ୍ମଜ୍ଞାନ ପ୍ରାପ୍ତକର୍ତ୍ତା, ଈଶ୍ୱରଙ୍କୁ ଜାଣିଥିବା ବ୍ୟକ୍ତି, କୋମଳ ସ୍ୱଭାବ ଏବଂ ଅତ୍ୟନ୍ତ ଦୟାଶୀଳ ଏବଂ ଉଦାର ବ୍ୟକ୍ତିତ୍ୱ ଓ ପରୋପକାରୀ ସ୍ୱଭାବର ଜଣେ ଅନନ୍ୟ ବ୍ୟକ୍ତି ଥିଲେ ଏବଂ ବିନୀତ, ସରଳ ଏବଂ ଦାରିଦ୍ର୍ୟ ବ୍ୟକ୍ତିଙ୍କ ପରି ଜୀବନ ଅତିବାହିତ କରୁଥିଲେ। ଅତ୍ୟନ୍ତ କ୍ଷମାଶୀଳ ଏବଂ ଦୟା ଓ ଉଦାର ବ୍ୟକ୍ତିତ୍ୱର ଜଣେ ପ୍ରତିମୂର୍ତ୍ତୀ ଥିଲେ । ଆପଣ[ର.ଅ] ନିଜ କପାଳର ଆଲୋକ ଦ୍ୱାରା ଚିହ୍ନିତ ହେଉଥିଲେ । ଆଁହଜରତ[ସ.ଅ]ଙ୍କ ସହିତ ଆପଣ[ର.ଅ]ଙ୍କର ନିବିଡ଼ ସଂପର୍କ ରହିଥିଲା ଏବଂ ଆପଣ[ର.ଅ]ଙ୍କ ଆତ୍ମା ନବୀ ଶ୍ରେଷ୍ଠ ହ. ମୁହମ୍ମଦ[ସ.ଅ]ଙ୍କ ସହିତ ସଂଶ୍ଳିଷ୍ଟ ଥିଲା । ଯେଉଁ ଆଲୋକ ଈଶ୍ୱର ପ୍ରିୟ ମୁନିବକୁ ଘୋଡ଼ାଇ ରଖିଥିଲା ସେହି ଆଲୋକ ଆପଣ[ର.ଅ]ଙ୍କୁ ମଧ ଘୋଡ଼ାଇ ଦେଇଥିଲା (ଅର୍ଥାତ ଆଲୋକିତ କରି ଦେଇଥିଲା) । ଆଁହଜରତ[ସ.ଅ]ଙ୍କ ଦିବ୍ୟ ଆଲୋକ ଆପଣ[ର.ଅ]ଙ୍କ ଶୁଦ୍ଧାତ୍ମା ପଟଳ ଉପରେ ପଡ଼ିଥିଲା ଏବଂ ଆପଣ[ର.ଅ] ସେହି ମହା କୃପା ତଳେ ଲୁଚି ରହିଥିଲେ, ପବିତ୍ର କୁରଆନ୍ କରୀମ୍‌ର ଜ୍ଞାନ, ନବୀ ଶିରୋମଣୀ ଓ ମାନବ ଜାତିର ଗର୍ବ ଗୌରବ ହ. ମୁହମ୍ମଦ[ସ.ଅ]ଙ୍କ ପ୍ରେମରେ ଆପଣ[ର.ଅ] ସମଗ୍ର ଲୋକମାନଙ୍କ ମଧରେ ଅନନ୍ୟ ବ୍ୟକ୍ତି ଥିଲେ । ଆପଣ[ର.ଅ]ଙ୍କ ଉପରେ ଯେତେବେଳେ ଦ୍ୱିତୀୟ ଆଧାତ୍ମିକ ଜୀବନର ରହସ୍ୟ ଉନ୍ମୋଚିତ ହେଲା ସେତେବେଳେ ଆପଣ[ର.ଅ] ସମସ୍ତ ସାଂସାରିକ ସଂପର୍କକୁ ଛିନ୍ନ କରିଦେଲେ ଏବଂ ସମସ୍ତ ଶାରୀରିକ ସଂପର୍କକୁ ପଛକୁ ଫିଙ୍ଗି ଦେଇ ତଥା ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟ ଓ ସ୍ୱାର୍ଥକୁ ଜଳାଞ୍ଜଳୀ ଦେଇ ନିଜର ପ୍ରିୟତମ ମୁନିବ ହ. ମୁହମ୍ମଦ[ସ.ଅ]ଙ୍କ ରଙ୍ଗରେ ରଙ୍ଗୀନ୍

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

" ଯୁବ ଖୁଦ୍ଦାମ ଓ ଅତଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିକ୍ଷତା ଓ ଅସଭ୍ୟତା ଆଦି କାର୍ଯରେ ଲିପ୍ତ ନାହାନ୍ତି ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Karadapalli (Odisha)

**ନବୀ ସ.ଅଙ୍କ ବାଣୀ**

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ ବିସମିଲ୍ଲାଃହି ପାଠ କରୁ ଆଉ ଯଦି ବିସମିଲ୍ଲାଃ କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ ବିସମିଲ୍ଲାଃହି ଅୱଲହୁ ପଢିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family,
Jamat Ahmadiya Kerang (Odisha)

ହୋଇଗଲେ । ଆପଣ[ର.ଅ] ଏକମାତ୍ର ବାଞ୍ଛିତ ତଥା ମନୋନୀତ ଅସ୍ତିତ୍ୱଙ୍କ ସକାଶେ ପ୍ରତ୍ୟେକ କାମନା ଓ ବାସନାକୁ ପରିତ୍ୟାଗ କରିଦେଲେ ଏବଂ ସମସ୍ତ ଶାରୀରିକ ମଳିନତା ଠାରୁ ଆପଣ[ର.ଅ]ଙ୍କ ଆତ୍ମା ପବିତ୍ର ହୋଇଗଲା ଏବଂ ସତ୍ୟବାଦୀ ସାଥୀ ରଙ୍ଗରେ ରଙ୍ଗୀନ ହୋଇଗଲେ, ଆପଣ[ର.ଅ] ବିଶ୍ୱ ବ୍ରହ୍ମାଣ୍ଡର ପାଳନକର୍ତ୍ତାଙ୍କ ପ୍ରସନ୍ନତା ପ୍ରାପ୍ତିର ଅଭିଳାଷାରେ ନିଜକୁ ହଜାଇ ଦେଲେ, ଯେତେବେଳେ ପ୍ରକୃତ ଐଶ୍ୱରିକ ପ୍ରେମ ଆପଣ[ର.ଅ]ଙ୍କ ସମଗ୍ର ଶରୀର ଏବଂ ଶିରା ପ୍ରଶିରାରେ, ମନ ମସ୍ତିଷ୍କର ଅତଳ ଗହ୍ୱରରେ ତଥା ନିଜ ସତ୍ତାର ପ୍ରତ୍ୟେକ କଣିକାରେ ପ୍ରବିଷ୍ଟ ହୋଇଗଲା ଏବଂ ଆପଣ[ର.ଅ]ଙ୍କ କଥନ ଓ କର୍ମରେ, ଉଠା ବସାରେ ସେହି ଐକାନ୍ତିକ ପ୍ରେମର ଆଲୁଅ ପ୍ରକାଶିତ ହୋଇଗଲା ସେତେବେଳେ ଆପଣ[ର.ଅ] ସିଦ୍ଦିକ୍ ଅର୍ଥାତ ସତ୍ୟବାଦୀ ନାମରେ ନାମିତ ହେଲେ ତଥା ସେତେବେଳେ ଆପଣ[ର.ଅ]ଙ୍କୁସତ୍ୟବାଦୀ ଆଖ୍ୟା ପ୍ରଦାନ କରାଗଲା । ଆପଣ[ର.ଅ]ଙ୍କ ଉପରେ ଦ୍ରୁତ ଗତିର ସତେଜତା, ଗଭୀର ସଂପୂର୍ଣ୍ଣ ଜ୍ଞାନ ପ୍ରଦାନକାରୀ ପ୍ରଭୁଙ୍କ ପକ୍ଷରୁ ଏବଂ ସର୍ବୋତ୍କୃଷ୍ଟ ଜ୍ଞାନ ପ୍ରଦାନକାରୀ ପ୍ରଭୁଙ୍କ ଦରବାରରୁ ସଂପୂର୍ଣ୍ଣ ତଥା ସର୍ବୋତ୍କୃଷ୍ଟ ଜ୍ଞାନ ପ୍ରଦାନ କରାଯାଇଥିଲା । ନିଷ୍ଠାପରତା ଆପଣ[ର.ଅ]ଙ୍କ ଶିରାପ୍ରଶିରାର ଏକ କଳା ଓ ସ୍ୱଭାବଗତ ବିଶେଷତା ଥିଲା । ସେହି ସତ୍ୟବାଦୀତା ଏବଂ ନିଷ୍ଠାପରତାର ଲକ୍ଷଣ ଓ ଆଲୋକ ଆପଣ[ର.ଅ]ଙ୍କ ମଧ୍ୟରେ ତଥା ଆପଣ[ର.ଅ]ଙ୍କ ପ୍ରତ୍ୟେକ କଥନ ଓ କର୍ମରେ, ପ୍ରତ୍ୟେକ ଗତିବିଧି, ଚିନ୍ତା ଚେତନାରେ ପ୍ରକାଶିତ ହୋଇଥିଲା । ଆପଣ[ର.ଅ] ଆକାଶଲୋକ ଏବଂ ମର୍ତ୍ତ୍ୟମଣ୍ଡଳର ପ୍ରଭୁ ତଥା ପାଳନକର୍ତ୍ତାଙ୍କ ନିକଟରୁ **ମୁନ୍‌ଅମ୍ ଅଲେହ** ଗୋଷ୍ଠୀ (ଯେଉଁ ଗୋଷ୍ଠୀ ଉପରେ ଅଲ୍ଲାଃତାଲା କୃପା ଓ ପୁରସ୍କାର ପ୍ରଦାନ କରିଛନ୍ତି)ରେ ସାମିଲ କରାଯାଇଥିଲା । ଆପଣ[ର.ଅ] ଆଁହଜରତ[ସ.ଅ]ଙ୍କ ଅବତାରତ୍ୱର ଏକ ଅବିକଳ ତଥା ନିଚ୍ଛକ ପ୍ରତିଛବି ଓ ପଣ୍ଡୁଲିପି ଥିଲେ । ଆପଣ[ର.ଅ] ଈଶ୍ୱରଙ୍କ ମହାନ ଭକ୍ତ ଏବଂ ସାହସୀ ବୀର ପୁରୁଷଙ୍କର ଧର୍ମାଧ୍ୟକ୍ଷ ଥିଲେ । ସେହିପରି ଆପଣ ର.ଅ ନବୀମାନଙ୍କ ପରି ସ୍ୱଭାବ ରଖୁଥିବା ମନୋନୀତ ବ୍ୟକ୍ତିଙ୍କ ମଧ୍ୟରୁ ଅନ୍ୟତମ ଥିଲେ।

ଆପଣ ଅ.ସ କୁହନ୍ତି ଆପଣମାନେ ମୋର ଏହି କଥନକୁ କୌଣସି ପ୍ରକାରର ଅତିଶୟୋକ୍ତି ବୋଲି ମନେ କରନ୍ତୁ ନାହିଁ ଓ ନା ହିଁ ଏହାକୁ କୋମଳ ଆଚରଣ, ଅଣଦେଖାର ଏକ ପ୍ରକାର ବୋଲି କଳ୍ପନା ତଥା ତୁଳନା କରି ସେହି ପ୍ରେମର ନିର୍ଝର ଝରିବା ସହିତ ସାମଞ୍ଜସ୍ୟତା ପ୍ରଦାନ କରିବା ଉଚିତ ନୁହଁ । ବରଂ ଏହା ହେଉଛି ସେହି ବାସ୍ତବତା ଯାହାକି ପ୍ରଭୁଙ୍କ ଦରବାରରୁ ମୋ ଉପରେ ପ୍ରକାଶ୍ୟ ହୋଇଅଛି । ଆପଣ ର.ଅଙ୍କ ଧର୍ମମତ, ଆସ୍ଥା ଓ ମହାପ୍ରଭୁଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ କରିବା ଏବଂ ବସ୍ତୁ ପ୍ରତି କମ୍ ଧ୍ୟାନ ଦେବା ହିଁ ପରମ ଲକ୍ଷ୍ୟ ଥିଲା । ଆପଣ[ର.ଅ] ସମସ୍ତ ଶିଷ୍ଟତା, ସଭ୍ୟତାରେ ଆମର ରସୁଲ[ସ.ଅ]ଙ୍କର ଛାୟୀ ବା ପ୍ରତିବିମ୍ବ ସ୍ୱରୂପ ଥିଲେ । ଆପଣ[ର.ଅ]ଙ୍କୁ ନବୀ ଶ୍ରେଷ୍ଠ ହ. ମୁହମ୍ମଦ[ସ.ଅ]ଙ୍କ ସହିତ ଏକ ସାର୍ବକାଳୀକ ସମଞ୍ଜସ୍ୟତା ଥିଲା । ଏହାର କାରଣ ଥିଲା ଯେ, ଆପଣ[ର.ଅ]ଙ୍କୁ ହୁଜୁର ସ.ଅଙ୍କ ଯଶ ଠାରୁ କ୍ଷଣିକ ମୁହୂର୍ତ୍ତରେ ତାହା ସବୁ ପ୍ରାପ୍ତ ହୋଇଗଲା ଯାହା ଅନ୍ୟମାନଙ୍କୁ ଦୀର୍ଘ କାଳ ଓ ଦୂରଦୂରାନ୍ତର ଦେଶ ତଥା ମହେଦେଶସ୍ଥ ଶାସକମାନଙ୍କୁ ପ୍ରାପ୍ତ ହୋଇ ନଥିଲା । ତେବେ ତୁମେ ଜାଣିନିଅ କି ଯଶ କୌଣସି ବ୍ୟକ୍ତି ପକ୍ଷରୁ, ସାମଞ୍ଜସ୍ୟତା ଯୋଗୁଁ ହିଁ ସେହି ବ୍ୟକ୍ତି ମୁହାଁ ହୋଇଥାଏ ଏବଂ ଅଲ୍ଲାଃତାଲାଙ୍କର ଏହି ପରମ୍ପରା ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡରେ ଅବ୍ୟାହତ ରହିଛି । ଅତଏବ ଯେଉଁ ବ୍ୟକ୍ତିକୁ ଅଲ୍ଲାଃତାଲା ସାଧୁ-ସନ୍ଥଙ୍କ ପରି ସାମନ୍ୟତମ ସାମଞ୍ଜସ୍ୟତା ପ୍ରଦାନ କରନ୍ତି ନାହିଁ ତେବେ ତାହାକୁ ବଞ୍ଚିତ ବ୍ୟକ୍ତି ବୋଲି କୁହାଯିବ । ଯାହାକୁ ଅନ୍ୟ ଭାଷାରେ ଈଶ୍ୱରଙ୍କ ନିକଟରେ ମୂର୍ଖତା ଏବଂ ହତଭାଗ୍ୟତା ସହିତ ତୁଳନା କରାଯାଇଥାଏ । ସର୍ବାଂଗ ସଂପୂର୍ଣ୍ଣ ଭାଗ୍ୟଶାଳୀ ହେଉଛି ସେହି ବ୍ୟକ୍ତି ଯିଏ ଈଶ୍ୱରଙ୍କ ପ୍ରିୟ ନବୀ[ସ.ଅ]ଙ୍କ ଆଚରଣକୁ ପରିବେଷ୍ଟିତ ଅର୍ଥାତ ଅନୁକରଣ କରି ତହିଁରୁ ଶିକ୍ଷା ପ୍ରାପ୍ତ କଲା । ଏପର୍ଯ୍ୟନ୍ତକି ଶବ୍ଦ, ବଚନ, ବାଣୀ ଏବଂ ସମସ୍ତ ପ୍ରକାରର ଚାଲି ଚଳନ ଓ ଆଚାର ବ୍ୟବହାରରେ ଆଁହଜରତ[ସ.ଅ]ଙ୍କ ସହିତ ସାମଞ୍ଜସ୍ୟତା ରଖୁଥିବ ବା ସୃଷ୍ଟି କରି ନେଇଥିବ । ହତଭାଗ୍ୟ ବ୍ୟକ୍ତିମାନେ ଏହି ସର୍ବାଙ୍ଗ ସୁନ୍ଦର ପୂର୍ଣ୍ଣତାକୁ କଦାପି ବୁଝି ପାରିବେ ନାହିଁ । ଯେଉଁଭଳି ଭାବରେ ଜଣେ ଆଜନ୍ମ ଅନ୍ଧ ବ୍ୟକ୍ତି ରଙ୍ଗ ଏବଂ ଲୋକମାନଙ୍କର ମୁଖମଣ୍ଡଳକୁ ଦେଖି ପାରି ନଥାଏ, ଠିକ୍ ସେହିଭଳି ଜଣେ ହତଭାଗ୍ୟ ବ୍ୟକ୍ତିର ଭାଗ୍ୟରେ ତ' ଈଶ୍ୱରଙ୍କ ଭୟ, ଈଶ୍ୱରଙ୍କ ଅଧ୍ୟାତ୍ମ ଜ୍ୟୋତି ବା ପ୍ରତାପ ବ୍ୟତିରେକ ଆଉ କିଛି ନଥାଏ । କାରଣ ତା'ର ସ୍ୱଭାବ ପ୍ରଭୁଙ୍କ ଦୟା ଓ କୃପାର ନିଦର୍ଶନକୁ ଦେଖିପାରି ନଥାଏ, ଈଶ୍ୱରଙ୍କ ସଂଶ୍ଳେଷଣ, ପ୍ରେମ ରୂପକ ସୁଗନ୍ଧକୁ ମଧ୍ୟ ସେ ଶୁଂଘି ପାରି ନଥାଏ ଏବଂ ଏହା ଜାଣି ନଥାଏ ଯେ, ନିଷ୍ଠାପରତା, ହିତୈଷୀ, ପ୍ରେମ, ମୁକ୍ତ ହୃଦୟତା କ'ଣ ? କାରଣ ସେହି ସ୍ୱଭାବ ତ' ଅନ୍ଧକାର ଦ୍ୱାରା ପରିପୂର୍ଣ୍ଣ ହୋଇଯାଇଥାଏ । ଅର୍ଥାତ ଯେଉ ବ୍ୟକ୍ତି ଅନ୍ଧ ତା' ଠାରେ କଲ୍ୟାଣର ଅଲୋକ ଅବତୀର୍ଣ୍ଣ ହେବ ତ' କିପରି ? ବରଂ ହତଭାଗ୍ୟ ବ୍ୟକ୍ତିର ସ୍ୱାର୍ଥ ତ' ଏକ ଦ୍ରୁତଗାମୀ ଝଡ଼ବତାସର ପରି ଉଙ୍କି ମାରିଥାଏ ଏବଂ ତା' ଅଧିକାର ଏବଂ ବାସ୍ତବତା ଦେଖିବାରୁ ତାହାକୁ ପ୍ରତିରୋଧ କରିଥାଆନ୍ତି । ଏଣୁ ସେ ଭାଗ୍ୟଶାଳୀ ବ୍ୟକ୍ତିଙ୍କ ପରି ବ୍ରହ୍ମଜ୍ଞାନମୂଳକ ଜ୍ଞାନରେ ଆକର୍ଷିତ ହୋଇଥାଆନ୍ତି । ସେମାନେ ସତ୍ୟ ଆଡ଼କୁ ଆସନ୍ତି ନାହିଁ । ଅପରପକ୍ଷେ ହ. ଅବୁ ବକର[ର.ଅ]ଙ୍କ ସୃଷ୍ଟିକର୍ତ୍ତା ଏବଂ ସମସ୍ତ କୃପା ତଥା ସମୃଦ୍ଧିର ପ୍ରଭୁଙ୍କ ଆଡ଼କୁ ଧ୍ୟାନ ଦେବା ପରିବର୍ତ୍ତେ ଓ ଦୟାମୟ ଈଶ୍ୱରଙ୍କ ବାର୍ତ୍ତାବହ ହ. ମୁହମ୍ମଦ[ସ.ଅ]ଙ୍କ ଆଡ଼କୁ ଧ୍ୟାନ ଦେବା ଯୋଗୁଁ ହିଁ ସମସ୍ତ ପ୍ରକାରର କୃପା, ସମୃଦ୍ଧି ହ. ଅବୁ ବକର[ର.ଅ]ଙ୍କୁ ପ୍ରାପ୍ତ ହୋଇଥିଲା । ଆପଣ[ର.ଅ] ଅବତାରତ୍ୱର ଗୁଣାବଳୀର ପ୍ରକାଶକର ସମସ୍ତ ମନୁଷ୍ୟମାନଙ୍କ ଠାରୁ ସର୍ବାଧିକ ଯୋଗ୍ୟ ବ୍ୟକ୍ତି ଥିଲେ ଏବଂ ଜୀବ ଶ୍ରେଷ୍ଠ ହ. ମୁହମ୍ମଦ[ସ.ଅ]ଙ୍କର ଉତ୍ତରାଧିକାରୀ ସ୍ୱରୂପ ପ୍ରଥମ ଖଲିଫା ହେବା ନିମନ୍ତେ ଯୋଗ୍ୟ ବ୍ୟକ୍ତି ବିବେଚିତ ହୋଇଥିଲେ। ସେହିପରି ଆପଣ[ର.ଅ] ନିଜର ଆଜ୍ଞାକାରୀ ନବୀ ହ. ମୁହମ୍ମଦ[ସ.ଅ]ଙ୍କ ସହିତ ପୂର୍ଣ୍ଣ ବିଶ୍ୱସ୍ତତା, ଏକତା ଏବଂ ସକଳ ସମାଞ୍ଜସ୍ୟତାକୁ ସଂଶୋଧିତ ଏବଂ ପୁନଃ ସ୍ଥାପିତ କରିବା ପାଇଁ ଯୋଗ୍ୟ ବ୍ୟକ୍ତି ଥିଲେ । ସେହିପରି ଆପଣ[ର.ଅ] ସମସ୍ତ ଆଚାର ସଂହିତାମୂଳକ ସଦ୍‌ଗୁଣ ଏବଂ ସଦ୍‌ଅଭ୍ୟାସ ଆପଣାଇବା, ବୈୟକ୍ତିକ ଏବଂ ଐଶ୍ୱରିକ ସଂପର୍କ ସ୍ଥାପନ କରିବାରେ ଆଁହଜରତ[ସ.ଅ]ଙ୍କଏ ଏଭଳି ଜଣେ ପୂର୍ଣ୍ଣ ପ୍ରକାଶକ ବ୍ୟକ୍ତି ଥିଲେ ଯେ, ଏହି ସଦ୍‌ଗୁଣାବଳୀଗୁଡ଼ିକ ଖଡ଼୍‌ଗ ଏବଂ ବର୍ଚ୍ଛା ବଳରେ ମଧ୍ୟ ବୈୟକ୍ତିକ ଏବଂ ଐଶ୍ୱରିକ ସଂପର୍କ ସ୍ଥାପନ ପାରିବ ନାହିଁ । ଆପଣ ର.ଅ ସର୍ବଦା ଏହି ଅବସ୍ଥା ଓ ପରିସ୍ଥିତି ଦେଇ ଗତି କରିଥିଲେ, ଅର୍ଥାତ ବିପତ୍ତି, ଭୟଙ୍କର ଅସ୍ତ୍ରଶସ୍ତ୍ର ଓ ସେହିପରି ନିନ୍ଦା ଏବଂ ଅପବାଦ ଆଦିରୁ ମଧ୍ୟ ଆପଣ ବିଚଳିତ ତଥା ଧୈର୍ଯ୍ୟହରା ହେଲେ ନାହିଁ/ବିଚଳିତ ହୋଇ ନଥିଲେ । ଆପଣ ର.ଅଙ୍କ ଆତ୍ମାରେ ସତ୍ୟବାଦୀତା, ପବିତ୍ରତା, ନିର୍ମଳତା, ଅବିଚଳତା, ଧର୍ମପରାୟଣତା, ବିଶ୍ୱସ୍ତତା ଆଦି ମହତ୍‌ଗୁଣାବଳୀଗୁଡ଼ିକ ପ୍ରବିଷ୍ଟ ଥିଲା । ସମଗ୍ର ସଂସାର ତଥା ସଂସାରବାସୀ ପଛେ ଧର୍ମଦ୍ରୋହୀ ପାଲଟି ଯାଆନ୍ତୁ କିନ୍ତୁ ସେମାନେ ଏହାକୁ ଭ୍ରୂକ୍ଷେପ କରୁ ନଥିଲେ ଓ ନା ହିଁ ପଛଘୁଞ୍ଚା ଦେଉଥିଲେ । ବରଂ ଆପଣ ର.ଅଙ୍କ ପ୍ରତ୍ୟେକଟି ପାଦ ସର୍ବଦା ଆଗକୁ ହିଁ ଅଗ୍ରସର ହୋଇ ଚାଲିଥିଲା ।

**(ସିରରୁଲ୍ ଖିଲାଫାର ଅନୁବାଦ, ପୃ-101-105)**

ହୁଜୁର ଅନୱର୍[ଅ.ବ] କହିଲେ ଏ ହେଉଛନ୍ତି ସତ୍ୟବାଦୀ ଖଲିଫା ହ. ଅବୁ ବକର[ର.ଅ] ଯିଏ ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହଙ୍କ ପ୍ରେମରେ ନିଜକୁ ହଜାଇ ଦେଇଥିଲେ । ବଦ୍‌ରୀ ସାହାବାମାନଙ୍କ ଚର୍ଚ୍ଚାରେ ଏହି ଚର୍ଚ୍ଚା ଅବ୍ୟାହତ ଥିଲା ଯାହାକି ଆଜି ସମାପ୍ତ ହୋଇଗଲା । ସମ୍ଭବତଃ ଅନ୍ୟ କେତେକ ସାହାବାମାନଙ୍କ ଚର୍ଚ୍ଚାରେ ଯେଉଁ ସାହାବାମାନଙ୍କର ଚର୍ଚ୍ଚା ପ୍ରାରମ୍ଭରେ ମୁଁ ବର୍ଣ୍ଣନା କରି ଦେଇଥିଲି । ସେମାନଙ୍କର କେତେକ ବିସ୍ତୃତ ବିବରଣୀ ପରବର୍ତ୍ତୀ ସମୟରେ ଯଦି ସୁଯୋଗ ମିଳେ ତେବ ତାହା ଅବଶ୍ୟ ବର୍ଣ୍ଣନା କରିବି । ଅନ୍ୟଥା ବଦ୍‌ରୀ ସାହାବାମାନଙ୍କ ସଂସ୍କରଣ ପ୍ରକାଶନରେ ସେହି କେତେକ ସାହାବାମାନଙ୍କର ଚର୍ଚ୍ଚା ମଧ୍ୟ ପ୍ରକାଶିତ ହୋଇଯିବ । ଅଲ୍ଲାଃତାଲା ଆମମାନଙ୍କୁ ସାହାବାମାନଙ୍କର ପଦାଙ୍କ ଅନୁସରଣ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ପ୍ରତ୍ୟେକ ଦିଗରେ ତାରକା ମାନଙ୍କ ପରି ଏହି ସାହାବାମାନେ ଆମମାନଙ୍କର ମାର୍ଗଦର୍ଶନ କରୁଥାଆନ୍ତୁ । ସେମାନେ ଯେଉଁ ସ୍ତର ସ୍ଥାପନ କରି ଯାଇଛନ୍ତି ଅଲ୍ଲାଃତାଲା ଆମେମାନଙ୍କୁ ମଧ୍ୟ ସେହି ସ୍ତରଗୁଡ଼ିକୁ ସ୍ଥାପନ କରିବା ପାଇଁ ପ୍ରୟାସକାରୀ ବ୍ୟକ୍ତି ରୂପେ ବିବେଚିତ କରନ୍ତୁ । ଆମିନ୍ ।

☆ ☆ ☆

**ନବୀ ସ.ଅଙ୍କ ବାଣୀ:-**

" ଅଲ୍ଲାଃତାଲାଙ୍କର ଖଡ଼୍‌ଗକୁ ହସ୍ତରେ ଧରି ରଖ ଏବଂ ତୁମ ମନରେ ଏହି ବିଶ୍ୱାସ ଥିବା ଦରକାର ଯେ, ଅଲ୍ଲାଃତାଲା ଅଛନ୍ତି ଏବଂ ମନ ଭିତରେ ଏହି ବିଶ୍ୱାସ ଥିବା ଦରକାର ଯେ, ଅଲ୍ଲାଃତାଲା ଭକ୍ତର ପ୍ରାର୍ଥନାକୁ ଶୁଣିଥାନ୍ତି ।"

(ଅଷ୍ଟ୍ରେଲିୟାର ଖୁଦ୍ଦାମୁଲ୍ ଅହେମଦିୟା ସଦସ୍ୟବୃନ୍ଦଙ୍କ ଅନ୍ ଲାଇନ୍ ସାକ୍ଷାତକାର, 26 ଜୁନ୍ 2022)

ତାଲିବେ ଦୁଆ: Ziabuddin Khan & Family,
Jamat Ahmadiya (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

" ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜଲୁଲ ଇଫକତା ଫି ସବିଲିଲ୍ଲାଃହି )

ତାଲିବେ ଦୁଆ: Rahmat Bibi & Family,
Jamat Ahmadiya Kerang (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443

REGISTERED WITH THE REGISTRAR OF THE NEWSPAPERS FOR INDIA AT NO RN 2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.) INDIA
Postal Reg. No.GDP-40/2023-2025 Vol.9 Thursday 13 JULY 2023 Issue No. 28

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com


## ପୃ ୨ ରେ ବର୍ଣ୍ଣିତ ତଫସିର୍ କବିରର ଅବଶିଷ୍ଟାଂଶ

ବଳଦ ଉପରେ ବୋଝ ଲଦି ଦିଅନ୍ତି, ସବାରୀର କାର୍ଯ୍ୟ ନିଅନ୍ତି । ଗାଈକୁ ବାଡ଼ିଆ ପିଟା କରନ୍ତି, ପୁନଶ୍ଚ ସେହି ଗାଈ ହିନ୍ଦୁମାନଙ୍କ ପାଇଁ ଯେଉଁ ମାତାକୁ ସେଇ ମାତା। ଆଉ ମଜାଳିଆ କଥା ଏହିକି ଯେ, ହିନ୍ଦୁମାନେ ଖ୍ରୀଷ୍ଟିଆନମାନଙ୍କୁ ଥଟ୍ଟା କରି କୁହନ୍ତି, **"ଆରେ ଦେଖରେ ଖ୍ରୀଷ୍ଟିଆନାମାନେ ଜଣେ ସାଧାରଣ ମଣିଷକୁ ଈଶ୍ୱର କରୁଛନ୍ତି । ସେହିପରି ଖ୍ରୀଷ୍ଟିଆନମାନେ ହିନ୍ଦୁମାନଙ୍କୁ ପରିହାସ କରି କୁହନ୍ତି ଯେ, ହେଇ ଦେଖରେ ହିନ୍ଦୁମାନେ ଜଣେ ସାଧାରଣ ଜୀବକୁ ଦେବୀମାତା ବୋଲି କହୁଛନ୍ତି ।"** ଏହି ନିରର୍ଥକ କଥାକୁ ଦେଖି ଜଣେ ଏକେଶ୍ୱରବାଦ ବ୍ୟକ୍ତି ସହସା କହି ଉଠନ୍ତି لَاحَوْلَ وَلَا قُوَّةَ إِلَّا بِاللّٰهِ।

**ଦ୍ୱିତୀୟ ଲକ୍ଷଣ** ହେଉଛି ପାପରୁ ବର୍ତ୍ତିବା । ମୁଶ୍‌ରିକ୍ ଶିର୍କ କରୁଥିବା ସମୟରେ ପାପରୁ କଦାପି ବର୍ତ୍ତି ପାରିବ ନାହିଁ । ନିଃସନ୍ଦେହ ରୂପେ କହିବାକୁ ଗଲେ ମୁଶ୍‌ରିକମାନଙ୍କ ମଧ୍ୟରୁ ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ଉତ୍ତମ ତଥା ପୁଣ୍ୟବାନ ଅଟନ୍ତି । କିନ୍ତୁ ସେମାନଙ୍କର ପୁଣ୍ୟାବଳୀ ଶିର୍କ ଯୋଗୁଁ ନୁହେଁ ବରଂ ଶିର୍କ ବ୍ୟତୀରେକ ଅଟେ । ଏହିପରି ବ୍ୟକ୍ତିମାନଙ୍କର ସ୍ୱଭାବ ଉତ୍ତମ ହୋଇଥାଏ । ତେଣୁ ସେମାନଙ୍କ ମଧ୍ୟରେ ଶିର୍କର ମୂଳ ପାତାଳ ପର୍ଯ୍ୟନ୍ତ ବ୍ୟାପୀ ପାରି ନଥାଏ। ଉଦାହରଣ ସ୍ୱରୂପ ଯେଉଁ ଲୋକମାନେ ଗାଈକୁ ପୂଜା କରନ୍ତି ଓ ତା'କୁ ନାନ ନିର୍ଯାତନା ମଧ୍ୟ ଦିଅନ୍ତି । ସେମାନେ ଏପରି କରିବାକୁ ବାଧ୍ୟ ଅଟନ୍ତି । କାରଣ ଗାଈକୁ ଭଗବାନ ମନୁଷ୍ୟ କାର୍ଯ୍ୟ ସକାଶେ ସୃଷ୍ଟି କରିଛନ୍ତି । ମନୁଷ୍ୟ ଗାଈ ଠାରୁ କାମ ହାସଲ ନ କରିବା ପର୍ଯ୍ୟନ୍ତ ତା' ପାଖରେ ଅନ୍ୟ କୌଣସି ବିକଳ୍ପ ନାହିଁ । ଫଳତଃ ସେମାନେ ଗାଈ ଠାରୁ ହିଁ କାର୍ଯ୍ୟ ହାସଲ କରନ୍ତି ଓ ତତ୍‌ସହିତ ହୃଦୟ ମଧ୍ୟରେ ପାପ କରିବାର ଦୁର୍ବାର ଭାବନା ମଧ୍ୟ ବୃଦ୍ଧି ପାଇଥାଏ । ଫଳତଃ ସେମାନଙ୍କର ବିବେକ ଅପବିତ୍ର ହୋଇଯାଇଥାଏ । ପୁନଶ୍ଚ ହିନ୍ଦୁମାନେ ଯେଉଁ ଦଶହରା ପର୍ବ ପାଳନ କରନ୍ତି । କିନ୍ତୁ ସେମାନେ ମନ ଭିତରେ ଏହି ଭାବନା ରଖିଥାନ୍ତି ଯେ, ରାବଣ ବ୍ରାହ୍ମଣ ଥିଲା ଓ ରାମ କ୍ଷତ୍ରୀୟ । ଦଶହରା ପର୍ବ ପାଳନ କରିବା ପରେ ସେମାନେ ଗୋଟିଏ ଦିନ ପାଇଁ ତୌବା (କ୍ଷମା ଯଚନା ତଥା ପ୍ରାୟଶ୍ଚିତ) କରିବା ପାଇଁ ସ୍ଥିର କରିଥାନ୍ତି । କାରଣ ଜଣେ ବ୍ରାହ୍ମଣ ପ୍ରତି କରାଯାଇଥିବା ଅସମ୍ମାନ ଓ ଅନାଦରର ପାପ ଧୋଇ ହୋଇଯାଉ । ଖ୍ରିଷ୍ଟିଆନମାନଙ୍କରମ ମଧ୍ୟ ସମାନ ଅବସ୍ଥା । ଖ୍ରିଷ୍ଟିଆନମାନେ ଯୀଶୁ ଖ୍ରୀଷ୍ଟଙ୍କୁ ତ' ଗୋଟିଏ ପଟେ ଈଶ୍ୱର ବୋଲି ମାନନ୍ତି । କିନ୍ତୁ ଅପରପକ୍ଷେ ସେମାନେ ନିଜର ସମସ୍ତ ଦୋଷ ଓ ପାପ ଯୀଶୁ ଖ୍ରୀଷ୍ଟଙ୍କ ଉପେରେ ଲଦି ଦିଅନ୍ତି । ଫଳତଃ ଶିର୍କର ଆସ୍ଥା ସେମାନଙ୍କ ନିମନ୍ତେ ପ୍ରତ୍ୟେକ ପ୍ରକାରର ମନ୍ଦ ତଥା ଅପକର୍ମର ମାର୍ଗ ଉନ୍ମୁକ୍ତ କରି ଦେଇଥାଏ । କାରଣ ସେମାନେ ଭାବନ୍ତି ଯେ, ପ୍ରଭୁ ଯୀଶୁ ଆମର ସମସ୍ତ ପାପ ନେଇଯାଇଛନ୍ତି ।

**(ତଫ୍‌ସିର୍ କବିର, ଭାଗ-4, ପ୍ରକାଶନ 2010 ମସିହା, କାଦିଆନ)**

...☆...☆...☆...

## ଗତ ଶୁମାରାର ଅବଶିଷ୍ଟାଂଶ.. (ପବିତ୍ର କୁରଆନ ସମଗ୍ର ମାନବ ଜାତି ନିମନ୍ତେ ଏକ ପରିପୂର୍ଣ୍ଣ ଗ୍ରନ୍ଥ )

ଅର୍ଥାତ ତୁମେ କହୁଥାଅ ସେ ହିଁ ଅଲ୍ଲାଃ ଯେ କି ଅଦ୍ୱିତୀୟ । ସେ ହିଁ ଅଲ୍ଲାଃ ଯାହାଙ୍କ ଉପରେ ସମସ୍ତେ ନିର୍ଭରଶୀଳ । ସେ କାହାକୁ ପ୍ରସବ କରି ନାହାନ୍ତି କି ତାହାଙ୍କୁ ପ୍ରସବ କରାଯାଇ ନାହିଁ ଏବଂ ତାହାଙ୍କର କେହି ସମକକ୍ଷ ନୁହାନ୍ତି ।

ପବିତ୍ର କୁରଆନ୍ ୬ଟି ମୌଳିକ ବିଶ୍ୱାସ ସଂପର୍କରେ ବର୍ଣ୍ଣନା କରେ, ଅର୍ଥାତ ଅଲ୍ଲାଃତାଲା, ଦେବଦୂତଗଣ, ଧର୍ମଗ୍ରନ୍ଥସମୂହ, ବାର୍ତ୍ତାବହଗଣ, ପୁନରୁତ୍ଥାନ ଓ ବିଚାର ଦିବସ ଏବଂ ପ୍ରଭୁଙ୍କର ନିଷ୍ପତ୍ତି ଯାହାକି ପ୍ରତ୍ୟେକ ବିଷୟକୁ ପରିବେଷ୍ଟିତ କରେ ତାହା ଉପରେ ବିଶ୍ୱାସ । ପବିତ୍ର କୁରଆନ ଉତ୍ତରାଧିକାରୀ ସୂତ୍ରେ ପ୍ରାପ୍ତ ପାପ ସମ୍ବନ୍ଧିତ ମତବାଦକୁ ଅସ୍ୱୀକାର କରେ ଓ ଦାବି କରେ ଯେ, ପ୍ରତ୍ୟେକ ବ୍ୟକ୍ତି କୌଣସି ପ୍ରକାର ଆଧ୍ୟାତ୍ମିକ କଳଙ୍କ ବହନ ନକରି ଜନ୍ମ ଗ୍ରହଣ କରେ । ଅଲ୍ଲାଃ ଯେ, କେବଳ ସତ, ତା' ନୁହେଁ ବରଂ ସେ ମଧ୍ୟ ଅତ୍ୟନ୍ତ କରୁଣାମୟ, କ୍ଷମାଶୀଳ ଓ ହିତସାଧକ । ସେ ସବୁରି ମାଲିକ, ଯେ କି ପ୍ରସନ୍ନ ହେଲେ ପାପକୁ କ୍ଷମା କରି ପାରିବେ । ଯଦି ଅଲ୍ଲାଃ ପାପୀର ଅନୁତାପକୁ ଗ୍ରହଣ କରନ୍ତି ତେବେ ସେହି ପାପୀର ପାପକୁ କ୍ଷମା କରି ପାରିବେ । ଯଦି ଅଲ୍ଲାଃ ପାପୀର ଅନୁତାପକୁ ଗ୍ରହଣ କରନ୍ତି ତେବେ ସେହି ପାପୀର ପାପକୁ ତା' ନିଜ ଅନୁତାପ ଅଶ୍ରୁରେ ପରିଷ୍କାର କରି ଧୋଇ ଦିଆଯାଇ ପାରିବ । ପବିତ୍ର କୁରାଆନ୍ ଅନୁସାରେ ମଣିଷର ନିଜ ଭିତରେ ଅନୁତାପ କରିବା ମୁହୂର୍ତ୍ତରେ ହିଁ ପରିତ୍ରାଣ ନିହିତ । ଯଦି ଅଲ୍ଲାଃତାଲା ସେପରି ସଂକଳ୍ପକୁ ଗ୍ରହଣ କରନ୍ତି ତେବେ ତାହା ପ୍ରତ୍ୟେକ ବ୍ୟକ୍ତିକୁ ପୂର୍ବକୃତ ପାପ ନିର୍ବିଶେଷରେ ଏକ ନୂତନ ଆଧ୍ୟାତ୍ମିକ ଜନ୍ମ ଦିଏ । ଅବଶିଷ୍ଟାଂଶ ପରବର୍ତ୍ତୀ ଶୁମାରାରରେ........

## ବିବାହ ପର୍ବ ଅବସରରେ ସୁନା ଗହଣା, ବସ୍ତ୍ରାଦି ଦାବି କରିବା

ହ. ମୁସ୍‌ଲେହ୍ ମଉଦ୍[ର.ଅ] କୁହନ୍ତି : "ଆମ ଜମାଅତ୍ ଏହି ପ୍ରସଙ୍ଗ ପ୍ରତି ଧ୍ୟାନ ଦେବା ଉଚିତ ଯେ, ପ୍ରଥା ଯେକୌଣସି ରୂପରେ ଥାଉ ନା କାହିଁକି ତାହା ସର୍ବଦା ମନ୍ଦ ହିଁ ହୋଇଥାଏ । ମୁଁ ଅତ୍ୟନ୍ତ ଦୁଃଖ ଓ ପରିତାପର ସହିତ କହୁଛି ଆମ ଜମାଅତ୍‌ର ଲୋକମାନେ ଯଦିଓ କେତେକ ନୂତନ ପ୍ରଥା ଓ ରୀତି ପାଳନ କରିଛନ୍ତି ଯାହାକି ଅନ୍ୟ ରୂପେ ଅବଲମ୍ବନ କରାଯାଇଛି । ଫଳତଃ ଧୀରେ ଧୀରେ ଏହିଭଳି ସର୍ତ୍ତ ଲେଖନୀରେ ମଧ୍ୟ ଦେଖିବାକୁ ମିଳିଲାଣି ଓ ମୋ ସମ୍ମୁଖରେ ମଧ୍ୟ ଉପସ୍ଥାପିତ ହେବାକୁ ଲାଗିଲାଣି । ଧର୍ମବିଧାନ କେବଳ ମେହେର୍ ଧାର୍ଯ୍ୟ କରିଛି । ଏତଦ୍‌ଭିନ୍ନ କନ୍ୟା ପକ୍ଷରୁ ସୁନା ଗହଣା ତଥା ଅଳଂକାର ଓ ବସ୍ତ୍ରାଦିର ଦାବି କରିବା ଅତ୍ୟନ୍ତ ଲଜ୍ଜାଜନକ କଥା ଅଟେ । ଉକ୍ତ ପ୍ରସଙ୍ଗରୁ ମୁଁ କନ୍ୟାକୁ ବିକ୍ରି କରିବା ବ୍ୟତୀତ ଅନ୍ୟ କୌଣସି ଅର୍ଥ ମନେକରୁ ନାହିଁ । ସୁତରାଂ ମୁଁ ଆସନ୍ତା ପାଇଁ ମଧ୍ୟ ଏହି ଘୋଷଣା କରି ଦେଉଛି ଯେ, କୌଣସି ନିକାହ୍ ପାଇଁ ଯଦି ଆଭୂଷଣ, ସୁନାଗହଣା, ବସ୍ତ୍ର ଆଦି ପାଇଁ କୌଣସି ସର୍ତ୍ତ କନ୍ୟା ପକ୍ଷରୁ ରଖା ଯାଇଛି ବୋଲି ମୁଁ ଜାଣିବାକୁ ପାଇଲି ତେବେ ଏଭଳି ନିକାହ୍‌ର ମୁଁ ଆଦୌ ଘୋଷଣା କରିବି ନାହିଁ ।" **(ଖୁତ୍‌ବା ନିକାହ୍, ପ୍ରଦତ୍ତ 27 ମାର୍ଚ୍ଚ 1931 ମସିହା, ଅଲ୍ ଫଜଲ୍ 17 ଏପ୍ରିଲ୍ 1931 ମସିହା) (ଶୋବା ରିସ୍ତାନାତା, ନଜାରତ୍ ଇସଲାହ୍ ଓ ଇର୍ଶାଦ ମର୍କଜିୟା କାଦିଆନ୍)**

## ଦେଶୀୟ ରିପୋର୍ଟ

### କେରଙ୍ଗର ୫୬ତମ ଜଲସା ସାଲାନାର ସଫଳତମ ଆୟୋଜନ

ତା ୧୩ ଓ ୧୪ ମେ ୨୦୨୩ ମସିହା ଶନିବାର ଓ ରବିବାର ଦିନ ଓଡ଼ିଶା ପ୍ରଦେଶର ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ କେରଙ୍ଗ ଠାରେ ଜଲ୍‌ସା ସାଲାନା ସଫଳ ଭାବରେ ନିଷ୍ପନ୍ନ ହେଲା । ଜମାଅତ୍ ଅହେମଦିୟା କେରଙ୍ଗ ବ୍ୟତୀତ ଓଡ଼ିଶାର ବିଭିନ୍ନ ଜମାଅତ୍‌ରୁ ୧୪୫୦ ଜଣ ଅତିଥି ଉକ୍ତ ଜ୍‌ଲସାରେ ସାମିଲ୍ ହୋଇଥିଲେ। ମର୍କଜ କାଦିଆନ୍‌ରୁ ସମ୍ମାନନୀୟ ଅବ୍‌ଦୁଲ୍ ୱକିଲ୍ ନିୟାଜ୍ ସାହେବ ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ଜୁନିବୀ ହିନ୍ଦ୍ ଓ ସମ୍ମାନନୀୟ ଫହିମ୍ ଅହେମଦ ସାହେବ ମୁବଲ୍ଲିଗ୍ ସିଲସିଲା ଦାୱେତେ ଇଲଲ୍ଲାଃ ଜୁନିବୀ ହିନ୍ଦ୍ ମର୍କଜି ପ୍ରତିନିଧି ହିସବାରେ ଉକ୍ତ ଜଲସାରେ ଅଂଶ ଗ୍ରହଣ କରିଥିଲେ । ସଂପୂର୍ଣ୍ଣ ଗ୍ରାମରେ ଶୃଙ୍ଖଳାର ବିଶେଷ ବ୍ୟବସ୍ଥା ହୋଇଥିଲା । ଦଳେ ପୋଲିସ୍ ମଧ୍ୟ ଜଲସା ଗାହ୍‌ରେ ଉପସ୍ଥିତ ରହିଥିଲେ । ଉଭୟ ଦିନର ଜଲସା ମୋଟ୍ ଚାରୋଟି ଅଧିବେଶନରେ ବିଭକ୍ତ ହୋଇଥିଲା । ପ୍ରଥମ ଅଧିବେଶନ ସକାଳ 9.30ରୁ 12.45 ଦ୍ୱିପ୍ରହର ଓ ଦ୍ୱିତୀୟ ଅଧିବେଶନ ସନ୍ଧ୍ୟା 5.30ରୁ 9.30 ଯାଏଁ ଚାଲିଥିଲା । ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଇଜ୍‌ଲାସର ସଭାପତିତ୍ୱ ମର୍କଜି ପ୍ରତିନିଧି କରିଥିଲେ । ପ୍ରଥମ ଦିନର ଦ୍ୱିତୀୟ ଅଧିବେଶନର ସଭାପତିତ୍ୱ ବିନୀତ କଲା ଓ ଦ୍ୱିତୀୟ ଦିନର ପ୍ରଥମ ଅଧିବେଶନର ସଭାପତିତ୍ୱ ସମ୍ମାନନୀୟ ଅବ୍‌ଦୁଲ୍ ମାଲିକ୍ ସାହେବ ଅମୀର ଜିଲ୍ଲା କଟକ କରିଥିଲେ । ଜଲସାରେ ମୋଟ୍ ୧୪ଟି ଭାଷଣ ହୋଇଥିଲା । ୧୧ ଜଣ ଅଣମୁସ୍‌ଲିମ୍ ଅତିଥିମାନେ ମଧ୍ୟ ଜଲ୍‌ସାରେ ଅଂଶ ଗ୍ରହଣ କରିଥିଲେ । ଯହିଁରେ କେତେକ ରୈଜନୀତିକ ବ୍ୟକ୍ତି ବିଶେଷ ମଧ୍ୟ ରହିଥିଲେ । ସମସ୍ତ ଅତିଥିମାନେ ନିଜ ନିଜର ମତାମତ ଓ ଚିନ୍ତାଧାର ପରିପ୍ରକାଶ ମଧ୍ୟ କଲେ । ସେହି ଅତିଥିମାନଙ୍କୁ ଜମାଅତୀୟ ଲିଟ୍ରେଚର ଉପହାର ସ୍ୱରୂପ ପ୍ରଦାନ କରାଗଲା ଓ ଉତ୍ତରୀୟ ପ୍ରଦାନ କରି ସେମାନଙ୍କୁ ସମ୍ମାନିତ ତଥା ପ୍ରୋତ୍ସାହିତ ମଧ୍ୟ କରାଗଲା । ପୁରୁଷ ଲୋକଙ୍କ ପାଇଁ ଜଲ୍‌ସାର ବ୍ୟବସ୍ଥା ଇଦ୍‌ଗାହ୍ ଠାରେ ହୋଇଥିଲା ଓ ମହିଳାମାନଙ୍କ ପାଇଁ ମସଜିଦେ ମେହମୁଦ୍ ଠାରେ ଜଲସାର ବ୍ୟବସ୍ଥା ହୋଇଥିଲା । ମୀନାରର ଲାଉଡ୍ ସ୍ପିକର (ଡ଼ାକବାଜି ଯନ୍ତ୍ର) ମାଧ୍ୟମରେ ସଂପୂର୍ଣ୍ଣ ଗ୍ରାମରେ ଜଲ୍‌ସାର ସ୍ୱର ପହଞ୍ଚୁଥିଲା। ଅଲ୍ଲାଃତାଲା ଉକ୍ତ ଜଲସାର ସୁଫଳ ପ୍ରକାଶ କରନ୍ତୁ । ଆମିନ୍ ।

☆ ☆ ☆

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan